**ଗଛରେ ପିଟି ହେଲା ଇଟା ବୋଝେଇ ଗାଡ଼ି: ୨ ଆହତ**

ବାଲିଅନ୍ତା,(ନୀଳମାଧବ ସାହୁ): ଭିଙ୍ଗାରପୁରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ଇଟା ବୋଝେଇ ୪୦୭ ଗାଡ଼ି ଗୁରୁବାର ହଂସପାଳ-ଅଭୟମୁଖୀ ରାସ୍ତାର ବାଲିଅନ୍ତା କୁଶଗାଡ଼ିଆ ମଠ ସମ୍ମୁଖରେ ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଗଛ ଚେରରେ ଗାଡ଼ି ଚକାର ଏକ୍ସେଲ ଲାଗି ଯିବାରୁ କେନାଲ ଭିତରକୁ ଖସି ପଡ଼ିବାରୁ ଗାଡ଼ିଟି ଅଳ୍ପକେ ବର୍ତ୍ତିଯାଇଥିଲା। କିନ୍ତୁ ଗାଡ଼ି ଡାଲା ଉପରେ ବସିଥିବା ୨ ଜଣ ଶ୍ରମିକ କେନାଲ ପାଣିକୁ ଛିଟିକି ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ସଂକ୍ଷେପରେ

### ବିହାର ଚାଲାଣ ହେଉଥିଲା କନ୍ଧମାଳ ଗଞ୍ଜେଇ

## ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ୩୦କେଜି ଗଞ୍ଜେଇ ଜବତ, ୫ ଗିରଫ

ଭୁବନେଶ୍ୱର,୮।୨(ସୂର୍ଯ୍ୟକାନ୍ତ ବେହେରା): କନ୍ଧମାଳରୁ ବସ୍‌ରେ ଆସିଥିଲା ଗଞ୍ଜେଇ। ଟ୍ରେନ୍‌ରେ ଯାଇଥାନ୍ତା ବିହାର। ହେଲେ ଏହି ଚୋରା ଚାଲାଣ ଯୋଜନାକୁ ଭଣ୍ଡୁର କରିଦେଇଛି ଅବକାରୀ ଟିମ୍। ଗୁରୁବାର ଭୋର୍ ସମୟରେ ବରମୁଣ୍ଡା ବସଷ୍ଟାଣ୍ଡରେ ଚଢାଉ କରି ୫ ବିହାରୀ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବିନୁ ଭାଇ, ଅଜିତ ପାଶ୍ୱାନ, ଦାମୋଦର କୁମାର, ଅଭୟ କୁମାର ଓ ଶଙ୍କର କୁମାର। ସେମାନଙ୍କଠାରୁ ୩୦ କେଜି ଗଞ୍ଜେଇ ଜବତ ହୋଇଛି। ଏନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି । ତେବେ ବିହାରରେ ମଦ ନିଷିଦ୍ଧ ଥିବାରୁ ଗଞ୍ଜେଇର ଚାହିଦା ବଢ଼ିଛି। ଭଲ ଟଙ୍କା ରୋଜଗାର କରିବା ପାଇଁ ଅଭିଯୁକ୍ତମାନେ ଏକତ୍ରିତ ହୋଇ ଓଡିଶାରୁ ଗଞ୍ଜେଇ ସଂଗ୍ରହ ପରେ ଟ୍ରେନ ଯୋଗେ ଚାଲାଣ କରିଥାନ୍ତେ ବୋଲି ଅବକାରୀ ଟିମ ତଦନ୍ତ ବେଳେ ଜାଣିବାକୁ ପାଇଛି। ସୂଚନାନୁସାରେ, ୫ଅଭିଯୁକ୍ତ କନ୍ଧମାଳରୁ ଏକ ବସ୍‌ରେ ଆସି ଗୁରୁବାର ସକାଳେ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଓହ୍ଲାଇଥିଲେ। କେହି ଯେମିତି ସନ୍ଦେହ ନ କରିବେ ସେଥିପାଇଁ ଭଲ ପୋଷାକ ପିନ୍ଧିବା ସହ ସମସ୍ତଙ୍କ କାନ୍ଧରେ ଥିଲା ଗୋଟିଏ ଗୋଟିଏ ବ୍ୟାଗ। ହେଲେ ପାଟ୍ରୋଲିଂରେ ଥିବା ଅବକାରୀ ଟିମ୍‌କୁ ଦେଖିବା ପରେ ଅଭିଯୁକ୍ତମାନେ ଡରି ଯାଇଥିଲେ। ସେମାନଙ୍କ ହାବଭାବ ଦେଖି ଅବକାରୀ ଟିମ ସେମାନଙ୍କୁ ପଚରାଉଚରା କରିବା ସହିତ ବ୍ୟାଗଗୁଡିକୁ ଯାଞ୍ଚ କରିବା ପରେ ସେଥିରେ ନିଶାଦ୍ରବ୍ୟ ଦେଖି ଅବକାରୀ ଅଧିକାରୀ ଆଶ୍ଚର୍ଯ୍ୟ ହୋଇଯାଇଥିଲା।

## ଏକାମ୍ର ନିର୍ବାଚନମଣ୍ଡଳୀର ୧୫୩ ପ୍ରକଳ୍ପ ପାଇଁ ମୁକ୍ତା କାର୍ଯ୍ୟାଦେଶ ବଣ୍ଟନ

ଭୁବନେଶ୍ୱର, ୮।୨ (ବନ୍ଦନା ସେଠୀ) ବିଏମ୍‌ସି ପକ୍ଷରୁ ଗୁରୁବାର ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର (ମୁକ୍ତା) ଯୋଜନାରେ ପ୍ରାୟ ୧୬କୋଟି ଟଙ୍କାର ୧୫୩ଟି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ସବୁ କାମ ୧୪୦ଟି ସ୍ୱୟଂ ସହାୟକ ଗୋଷ୍ଠୀ କରିବେ। ମହିଳାମାନଙ୍କୁ ଦିଆଯାଉଥିବା କାର୍ଯ୍ୟାଦେଶକୁ ସୂଚାରୁ ରୂପେ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବାକୁ ମେୟର ଏବଂ କମିଶନର ପରାମର୍ଶ ଦେଇଥିଲେ। ସମଗ୍ର ଦେଶରେ ଭୁବନେଶ୍ୱର ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଆଗାମୀ ଦିନରେ ଭୁବନେଶ୍ୱରକୁ ଏକ ନମ୍ବର ସହରରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାହା କେବଳ ମହିଳାଙ୍କ ଦ୍ୱାରା ସମ୍ଭବ ହୋଇପାରିବ ବୋଲି ଏକାମ୍ର ବିଧାୟକ ତଥା ଏସ୍‌ଏସ୍‌ଇପିଡି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ। ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ। ସୂଚନାଯୋଗ୍ୟ, ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ରେ ପ୍ରାୟ ୫୧ କୋଟି ଟଙ୍କା ବ୍ୟୟ ଅଟକଳରେ ମୋଟ ୪୬୦ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି।

# ପୁଚୁକି ଗାଲି...ଫେଶନ୍ ବାଲି...







## ଝୁମୁରୁ ଝୁମୁରୁ ପାଦ ପାଉଁଜିରେ ନଚାଇଲେ ସୋନୁ ନିଗମ

ଭୁବନେଶ୍ୱର,୮।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା ଏକାମ୍ର ଉତ୍ସବ 'ସଙ୍ଗୀତର ମୂର୍ଚ୍ଛନା' କାର୍ଯ୍ୟକ୍ରମର ଗୁରୁବାର ଥିଲା ଷଷ୍ଠ ସନ୍ଧ୍ୟା। ଆକର୍ଷଣ ସାଜିଥିଲେ ପ୍ରସିଦ୍ଧ ବଲିଉଡ କଣ୍ଠଶିଳ୍ପୀ ସୋନୁ ନିଗମ। 'କାହାଣୀ' ଚଳଚ୍ଚିତ୍ରର 'ପା ପାରା ରମ୍...ରୁ' ସେ ଏହି ଚିତାକର୍ଷକ ସନ୍ଧ୍ୟା ଆରମ୍ଭ କରିଥିଲେ। ଏହା ପରେ ପରେ ଯେସା ପହେଲି ବାର୍ ହୁଆ ହେ ସତ୍‌ରା ଅଠ୍‌ରା ସାଲୋ ମେଁ, ଦେଖା ତୁମ୍‌କୋ ଜବ୍‌ସେ ବସ୍ ଦେଖା ତୁମ୍‌କୋ ୟାରା, ହସ୍ ମତ୍ ପଗଲି ପ୍ୟାର୍ ହୋ ଯାୟେଗା, ମେ ହୁଁ ଦିୱାନା ତେରା... ଭଳି ଚର୍ଚ୍ଚିତ ଗୀତ ଗାଇ ଉପସ୍ଥିତ ଶ୍ରୋତାଙ୍କ ମନ ମୋହିଥିଲେ। ଏଥିସହ ଶ୍ରୋତାଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାପାଇଁ ସୋନୁ ଆରମ୍ଭ କରିଥିଲେ ଓଡ଼ିଆ ଗୀତ। ସୋନୁଙ୍କ କଣ୍ଠରେ ପୁଚୁକି ଗାଲି ..ଫେଶନ ବାଲି... ଗୀତ ଶୁଣିବା ପରେ ଉପସ୍ଥିତ ଶ୍ରୋତା ବେଶ୍ ଉତ୍ସାହିତ ହୋଇପଡିଥିଲେ। ସିଟ୍‌ରୁ ଉଠି ଗୀତର ତାଳେ ତାଳେ ନାଚି ଉଠିଥିଲେ। ପରେ ପରେ ସେ ଚାଲ ବେଗି ବେଗି ଯିବା ସଙ୍ଗାତ ରଥ ଟଣା ହେବ ଶେଷ, ଗୁଣ୍ଡିଚା ଡାକୁଛି ଆ, ମୃଦଙ୍ଗ ବାଜିଲାରେ.., ଗୋରୀ ଝୁମୁରୁ ଝୁମୁରୁ ତୋର ପାଦ ପାଉଁଜି...ଗୀତ ଗାଇ ସନ୍ଧ୍ୟାକୁ ରଙ୍ଗୀନ କରିଥିଲେ। ଆରମ୍ଭରେ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ରଥ ଓ ସଞ୍ଚିତା ପ୍ରିୟଦର୍ଶିନୀ ଗୀତ ପରିବେଷଣ କରି ହାଲ୍‌କା ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରିଥିଲେ।



## ବିଏମ୍‌ସି ଡେପୁଟି କମିଶନର ରମେଶ ଚନ୍ଦ୍ର ଜେନାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୮।୨(ସୂର୍ଯ୍ୟକାନ୍ତ ବେହେରା)

ବିଏମ୍‌ସିର ଡେପୁଟି କମିଶନର ରମେଶ ଚନ୍ଦ୍ର ଜେନାଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ ସରକାର ତାଙ୍କୁ କନ୍ଧମାଳ ଉପଜିଲାପାଳ ଭାବେ ନିଯୁକ୍ତି ଦେଇଛନ୍ତି। ଜାଗା ମିଶନ ଭଳି ଗୁରୁଦାୟିତ୍ୱକୁ ସୁଚାରୁ ଭାବେ ନିଭାଇଥିବାରୁ କମିଶନର ବିଜୟ ଅମୃତା କୁଲାଙ୍ଗେ ତାଙ୍କର ପ୍ରଶଂସା କରିଥିଲେ। ଏଥିସହ ଗୋରୁ ଉଦ୍ଧାର କ୍ଷେତ୍ରରେ ମଧ୍ୟ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କମିଶନର କହିଥିଲେ। ଆୟୋଜିତ ସଭାରେ ମେୟର ସୁଲୋଚନା ଦାସ ଅଧ୍ୟକ୍ଷତା କରି ଜେନାଙ୍କ କାମ କରିବାର କୌଶଳ ଏବଂ ଦାୟିତ୍ୱ ସଂପର୍କରେ ଆଲୋକପାତ କରିଥିଲେ। କନ୍ଧମାଳର ଉପଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ, ଖୁସିବ୍ୟକ୍ତ କରିବା ସହ ନିର୍ବାଚନ ସମୟରେ ସୂଚାରୁରୂପେ କର୍ତ୍ତବ୍ୟ ତୁଲାଇବା ପାଇଁ ପରାମର୍ଶ ଦେଇଥିଲେ। ବିଦାୟକାଳୀନ ସମ୍ବର୍ଦ୍ଧନାର ଉତ୍ତରରେ ଜେନା, ବିଏମ୍‌ସିରେ କାମ କରିବା ସମୟରେ ସମସ୍ତ କର୍ପୋରେଟର, ବିଏମ୍‌ସି କମିଶନର, ଅତିରିକ୍ତ କମିଶନର ଓ ଟିମ୍ ବିଏମ୍‌ସିର ସହଯୋଗ ଅବିସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ।

# ଏକାମ୍ରରେ ୫.୫୦ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ



ପ୍ରକଳ୍ପ ଶିଳାନ୍ୟାସ ଅବସରରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

ପୁରୁଣା ଭୁବନେଶ୍ୱର,୮।୨(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ୱାର୍ଡ ନଂ. ୫୯, ୬୦, ୬୧ ଓ ୬୭ରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ୫.୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରୁ କପିଳେଶ୍ୱର ଗ୍ରାମ ଶ୍ମଶାନ ପାଇଁ ୧କୋଟି ଟଙ୍କା ବ୍ୟୟରେ ଉନ୍ନତୀକରଣ, ଗଙ୍ଗୁଆ ସାହି ଅଧିବାସୀମାନଙ୍କ ପାଇଁ ୨୩ ଲକ୍ଷ ବ୍ୟୟରେ ଶୌଚାଳୟ ଓ ରାସ୍ତା, ବଡସାହି ରାସ୍ତା, କୁମ୍ଭାର ସାହି ଦୁଇ ପାର୍ଶ୍ୱର ନାଳ, କୁମ୍ଭାରସାହି ବ୍ରିଜଠାରୁ କପିଳେଶ୍ୱର ବ୍ରିଜ ପର୍ଯ୍ୟନ୍ତ ରାସ୍ତା ଓ କପିଳେଶ୍ୱର ବ୍ରିଜଠାରୁ ରାମଚନ୍ଦ୍ର ସାହୁ ଘର ପର୍ଯ୍ୟନ୍ତ କେନାଲ ବନ୍ଧର କଂକ୍ରିଟ କାନ୍ଥ, ୱାର୍ଡ ନଂ. ୬୧ରେ ଖଣ୍ଡୁଆଳ ମନ୍ଦିର ନିକଟ ପେଭର୍ ରାସ୍ତା, ପିପୁଲ୍ସ ବିଜୁ ଆଦର୍ଶ କଲୋନୀର ରାସ୍ତା, ପଞ୍ଚମୁଖୀ ହନୁମାନ ମନ୍ଦିରର ରାସ୍ତା, ୱାର୍ଡ ନଂ. ୫୯ ନିଗମ ବିହାର ରାସ୍ତା ଓ ନାଳ ନିର୍ମାଣ, ୱାର୍ଡ ନଂ. ୬୭ର ନିଉ ଆଜାଦ ନଗର ରାସ୍ତାର ମନ୍ତ୍ରୀ ପଣ୍ଡା ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ସ୍ଥାନୀୟ କର୍ପୋରେଟର ଚନ୍ଦ୍ର ଶେଖର ମଲ୍ଲିଆ, ଶିବ ନାରାୟଣ ରାୟ, ମଧୁସ୍ମିତା ପ୍ରଧାନ, ତପନ ରାଉତ, ଅଖ୍ତର ଇକବାଲ, ନିହାର ରଞ୍ଜନ ଚମ୍ପତି, ଛବି ସ୍ୱାଇଁ, ସୂର୍ଯ୍ୟ ମହାନ୍ତି, ଦୀପ୍ତି ମିଶ୍ର, ହଳଧର ମଲ୍ଲିଆ, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପର୍କକୁ ମିଠା କରେ ଚକୋଲେଟ୍




ଭୁବନେଶ୍ୱର,୮।୨(ଶର୍ମିଷ୍ଠା ପାଣିଗ୍ରାହୀ)- ଚକୋଲେଟ କେବଳ ପାଟିକୁ ମିଠା ନୁହେଁ ସମ୍ପର୍କକୁ ମଧ୍ୟ ମିଠା କରେ। କେହି ରାଗିଥିଲେ କିମ୍ବା କାହାର ମନକୁ ଜିତିବାକୁ ହେଲେ ସାଧାରଣତଃ ସମସ୍ତେ ଚକୋଲେଟ୍ ଦେବାକୁ ପସନ୍ଦ କରିଥାନ୍ତି। ପ୍ରେମ ସପ୍ତାହର ତୃତୀୟ ଦିନ ଅର୍ଥାତ ଶୁକ୍ରବାର ଚକୋଲେଟ୍ ଦିବସ। କେବଳ ପ୍ରେମୀ ଯୁଗଳ ନୁହେଁ ବନ୍ଧୁତାରେ ମଧ୍ୟ ଚକୋଲେଟ୍ ଦିଆଯାଇଥାଏ। ତେଣୁ ଏହି ଦିବସ ପାଳିବାକୁ ସମସ୍ତଙ୍କ ମନରେ ଭରି ରହିଥାଏ ଉତ୍କଣ୍ଠା। ଦୋକାନଗୁଡ଼ିକରେ ଚକୋଲେଟ୍ ଆଗୁଆ ଷ୍ଟକ୍ ହୋଇଗଲାଣି। ଅନ୍‌ଲାଇନରେ ମଧ୍ୟ ଭଲ ଅଫର ସହ ଚକୋଲେଟ୍ ଗିଫ୍ଟ ଉପଲବ୍ଧ ହେଉଛି। ଏଥିସହ ରେଷ୍ଟୁରାଣ୍ଟରେ ମଧ୍ୟ ଚକୋଲେଟ ଡେ' ପାଳନ ପାଇଁ ଆଗୁଆ ବରାଦ ଦିଆଯାଉଛି।

### ପସନ୍ଦଯୋଗ୍ୟ ଚକୋଲେଟ୍

ବଜାରରେ ବିଭିନ୍ନ ପ୍ରକାରର ଚକୋଲେଟ୍ ମିଳୁଛି। ସେଥିମଧ୍ୟରୁ ଚାହିଦାରେ ଡାଏରୀ ମିଲ୍କ, କିଟ୍‌କାଟ୍, କ୍ୟାଡ୍‌ବରୀ, ଅମୁଲ, ପାର୍ଲେ, ଲୋଟସ୍ ଓ ନେସ୍‌ଲେ ଭଳି ବ୍ରାଣ୍ଡର ଚକୋଲେଟ୍ ଅନେକଙ୍କୁ ପସନ୍ଦ। ଏହି ସବୁ ଚକୋଲେଟ୍ ୧୦ଟଙ୍କାରୁ ଆରମ୍ଭ ହେଉଥିବାବେଳେ ଫ୍ୟାମିଲି ପ୍ୟାକ୍ ୧୫୦ ଓ ୨୦୦ଟଙ୍କାରୁ ଆରମ୍ଭ ହେଉଛି।

### ଅନ୍‌ଲାଇନରେ ଚକୋଲେଟ୍

ଆଜିକାଲି ଅନ୍‌ଲାଇନରେ ପ୍ରେମ ଦିବସ ପାଇଁ ବିଭିନ୍ନ ଆକର୍ଷଣୀୟ ଗିଫ୍ଟ ରଖାଯାଉଛି। ଚକୋଲେଟ୍ ଡେ' ପାଇଁ ବିଭିନ୍ନ ପ୍ରକାର ଚକୋଲେଟ୍‌କୁ ପ୍ୟାକ କରି ଏକ ହାମ୍ପର୍ ବନାଯାଉଛି, ଯାହା ଦେଖିବାକୁ ଖୁବ୍ ଆକର୍ଷଣୀୟ ମଧ୍ୟ। ଦୋକାନକୁ ଯାଇ ଚକୋଲେଟ୍ କିଣିବା ଅପେକ୍ଷା ଅନ୍‌ଲାଇନରୁ କିଣି ଚକୋଲେଟ୍ ଦେବାକୁ ଅନେକ ପସନ୍ଦ କରୁଛନ୍ତି।

### ଚାହିଦାରେ ହାର୍ଟସେପ୍ ଚକୋଲେଟ୍

ପ୍ରେମ ଦିବସକୁ ନଜରରେ ରଖି ଦୋକାନଗୁଡ଼ିକରେ ମିଳୁଛି ହାର୍ଟସେପ୍‌ର ଚକୋଲେଟ୍। ବିଭିନ୍ନ ଫ୍ଲେଭର୍‌ର ଓ ନାମୀଦାମୀ କମ୍ପାନୀର ଚକୋଲେଟ୍‌ର ଚାହିଦା ରହିଛି। ଚକୋଲେଟ୍ ଡେ'ର ଦିନକ ପୂର୍ବରୁ ବିଭିନ୍ନ ରେଷ୍ଟୁରାଣ୍ଟରେ ବରାଦ ମୁତାବକ ଚକୋଲେଟ୍ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳିଛି। ଏଥିମଧ୍ୟରେ ଫୁଲ, ପ୍ରେମୀଯୁଗଳ, ବିଭିନ୍ନ ଇଂରାଜୀ ଏବଂ ଓଡ଼ିଆ ଅକ୍ଷର, ପାନପତ୍ର ଓ ଅନ୍ୟ ସ୍ୱତନ୍ତ୍ର ଆକୃତିର ଚକୋଲେଟ୍ ରହିଛି। ୧୨୦ଟଙ୍କାରୁ ଆରମ୍ଭ କରି ୩ରୁ ୪ହଜାର ଟଙ୍କା ପର୍ଯ୍ୟନ୍ତ ଏହାର ମୂଲ୍ୟ ରହିଛି।

## ୧୮ନଂ. ୱାର୍ଡରେ ୨ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



ବାଲିଅନ୍ତା,୮।୨(ନୀଳମାଧବ ସାହୁ)

ବିଏମ୍‌ସି ୧୮ ନଂ. ୱାର୍ଡରେ ୨ଟି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ ରାଉତ, ସମ୍ମାନିତ ଅତିଥି ରୂପେ ମେୟର ସୁଲୋଚନା ଦାସ ଓ କର୍ପୋରେଟର ବିପ୍ଲବ ବେହେରା ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରଥମେ ପୂର୍ତ୍ତ ବିଭାଗ ପକ୍ଷରୁ ରସୁଲଗଡ଼ଠାରୁ ହାଇଟେକ୍ ମେଡିକାଲ୍ ମେଡିକାଲ କଲେଜ ଭାୟା ଜିଜିପି କଲୋନି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଜିଜିପି ଛକରେ ଅନୁଷ୍ଠିତ ହୋଇଥିଲା। ପରେ ସାଇ ନଗର ସମେତ ୪ଟି ସାହିରେ ପେଭର ରାସ୍ତା ଓ କଂକ୍ରିଟ୍ ନାଳ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ପୂର୍ବତନ କର୍ପୋରେଟର ପ୍ରତାପ ରାଉତରାୟ, ସଞ୍ଜୟ ବଳିୟାରସିଂ, ମଳୟ ରାଉତରାୟ, ଅନୀଲ ବଳିୟାର ସିଂ, ରମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରୂପାନ୍ତରିତ ସ୍କୁଲର ରକ୍ଷଣାବେକ୍ଷଣ କରିବ 'ମୋ ସ୍କୁଲ'

ଭୁବନେଶ୍ୱର, ୮।୨(ଅସମାପିକା ସାହୁ)

'ମୋ ସ୍କୁଲ ଅଭିଯାନ'ର ୧୨ତମ ପରିଚାଳନା ପରିଷଦ ବୈଠକ ଗୁରୁବାର 'ମୋ ସ୍କୁଲ' କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଆକାଂକ୍ଷୀ ପାଠ୍ୟକ୍ରମର ଠିକ୍ ପ୍ରଚଳନ, ତତ୍ତ୍ୱାବଧାନ ଓ ପର୍ଯ୍ୟାଲୋଚନା ସହ 'ମୋ ସ୍କୁଲ' ପ୍ରକଳ୍ପ ସମ୍ବନ୍ଧରେ ବିଭିନ୍ନ ଆଲୋଚନା ହୋଇଥିଲା। 'ମୋ ସ୍କୁଲ ଅଭିଯାନ'ର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ ବୈଠକରେ ସଭାପତିତ୍ୱ କରି ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର୍ଥୀ କ୍ଲବର ସୁପରିଚାଳନା ନେଇ ଆଲୋଚନା କରିବା ସହ ଛାତ୍ରୀଛାତ୍ରଙ୍କୁ ଉଚ୍ଚମାନର ଶିକ୍ଷା ସୁନିଶ୍ଚିତ କରିବା ପାଇଁ କ୍ଲବ୍‌ର ଠିକ୍ ପ୍ରଚଳନକୁ ଗୁରୁତ୍ୱ ଦେଇଥିଲେ। ଏହାସହ କ୍ଲବ୍ ପାଠ୍ୟକ୍ରମର ଏକ ଅଂଶ ଭାବରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷଣୀୟ ଭ୍ରମଣ(ଏକ୍ସପୋଜର ଭିଜିଟ୍)ର ସୁବିଧା ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଆଗାମୀ ଶିକ୍ଷା ବର୍ଷଠାରୁ ସହଭାଗିତାକୁ ଅଧିକ ସୁଦୃଢ଼ କରାଯିବ। ଏହାସହ ୪ଟି କ୍ଲବ୍ ପ୍ରଚଳନରେ ସହଯୋଗ କରିଥିବା ସହଯୋଗୀଙ୍କ ସହ ପ୍ରତି ୨ମାସକୁ ଥରେ ସମୀକ୍ଷା ବୈଠକର ଆୟୋଜନ କରାଯିବ। ନିରନ୍ତର ଭାବରେ ବିଦ୍ୟାଳୟ ଶିକ୍ଷଣ ଓ ଭିତ୍ତିଭୂମି ବିକାଶ ଦିଗରେ ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ସଫଳ ହୋଇପାରିଛି। ବିଦ୍ୟାଳୟ କମିଟି ସହାୟତାରେ ଏହି ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଦିଗରେ 'ମୋ ସ୍କୁଲ' କାର୍ଯ୍ୟ କରିବ ବୋଲି ପରିଚାଳନା ପରିଷଦରେ ନିଷ୍ପତ୍ତି ହୋଇଛି। ଗତ ୬ମାସ ମଧ୍ୟରେ ୩୯ ହଜାରରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର 'ମୋ ସ୍କୁଲ ଅଭିଯାନ' ସହ ଯୋଡି ହୋଇ ସେବା ଓ ଶ୍ରମ ପ୍ରଦାନ କରିଆସୁଛନ୍ତି। ସହଯୋଗୀଙ୍କ ସହଭାଗିତାରେ ପୁରାତନ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ସହ ଯୋଡ଼ି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରାଯିବ ବୋଲି କୁହାଯାଇଛି। ପରିଷଦ ଉପସଭାପତି ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍ ବିଭିନ୍ନ ବିଦ୍ୟାଳୟରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ସହ ଆରମ୍ଭ ହୋଇ ନ ଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଆରମ୍ଭ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ବିଭାଗୀୟ ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ସ୍ୱତନ୍ତ୍ର ସଚିବ ତଥା ବିତ୍ତ ପରାମର୍ଶଦାତା ରତିକାନ୍ତ ମହାପାତ୍ର, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ, ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଟୁକୁ ବାରିକ, 'ମୋ ସ୍କୁଲ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ ଜେନା, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

### 'ମୋ ସ୍କୁଲ' ପରିଚାଳନା ପରିଷଦ ବୈଠକ

## ତ୍ରିବେଣୀ ମହୋତ୍ସବ ଉଦ୍‌ଘାଟିତ

ବାଲିପାଟଣା,୮।୨(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅଧୀନ ପୁରାଣବର୍ଣ୍ଣିତ ତ୍ରିବେଣୀ ବୁଡ଼ ଉପଲକ୍ଷେ ଆୟୋଜିତ ତ୍ରିବେଣୀ ମହୋତ୍ସବ ଗୁରୁବାର ଅନ୍ତର୍ବେଦୀ ପୀଠ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଜୟଦେବ ନିର୍ବାଚନମଣ୍ଡଳୀର ମୁଖ୍ୟ କମଳ କୁମାର ପାତ୍ରଙ୍କ ପୌରୋହିତ୍ୟରେ ମହୋତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଓଡ଼ିଶା କୋଠାବାଡ଼ି ନିର୍ମାଣ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ, କୈଳାସ ପାତ୍ର ପ୍ରମୁଖ ଯୋଗଦେଇ ୫ ଦିନିଆ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ସାଂସ୍କୃତିକ ଭାଇଚାରା ଉପରେ ଆଲୋକପାତ କରାଯାଇଥିଲା। ମହୋତ୍ସବର ମହାମଞ୍ଚର ପ୍ରଥମ ସନ୍ଧ୍ୟାରେ ଆରାଧନା ନୃତ୍ୟ ଅନୁଷ୍ଠାନ ପକ୍ଷରୁ କଳାକାରମାନେ 'ନାରୀ' ଶୀର୍ଷକ ଓ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ଝଙ୍କଟ ଶାରଳା କଳାକାର ଗ୍ରୁପ ପାରମ୍ପରିକ ବାଘ ନୃତ୍ୟରେ ମନ୍ତ୍ରମୁଗ୍ଧ କରିଥିଲେ। ଗୀତ ମିଳନ ଅର୍କେଷ୍ଟ୍ରା ଗ୍ରୁପ ପକ୍ଷରୁ ଦେଶୀ ବିଦେଶୀ ନୃତ୍ୟ ସଙ୍ଗୀତର ଫ୍ୟୁଜନରେ ଦର୍ଶକଙ୍କୁ ଉନ୍ମାଦିତ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଦ୍ୟୁମ୍ନ ସେନାପତି, ହରିହର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, କିଶୋର ଜେନାଙ୍କ ସମେତ କର୍ମୀ ଉପସ୍ଥିତ ଥିଲେ। ଭରପୂର ଦର୍ଶକଙ୍କ ଉପସ୍ଥିତି ପରିବେଶକୁ ସଂସ୍କୃତିମୟ କରିଥିଲା।






ଭୁବନେଶ୍ୱର ଜନତା ମଇଦାନସ୍ଥିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିସରରେ ଚାଲିଥିବା ପ୍ରଦର୍ଶନୀକୁ ଗୁରୁବାର ଶେଷଦିନରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ସହ ଛାତ୍ରଛାତ୍ରୀ ଓ ଅନ୍ୟମାନେ ବୁଲି ଦେଖୁଛନ୍ତି। ଓଡ଼ିଆ ଅକ୍ଷର ସହ ଯୁବତୀମାନେ।

## ସଂକ୍ଷେପରେ

### ୧୭ରୁ ଗୋପରୁ ଗଡ଼ିବ ଲକ୍ଷ୍ମୀ ବସ୍

ଗୋପ, ୮।୨(ଭାରତୀ ଭୂଷଣ ଉପାଧ୍ୟାୟ)

ରାଜ୍ୟ ସରକାର ଗାଁରୁ ସହରକୁ ଯୋଡ଼ିବା ପାଇଁ ଲକ୍ଷ୍ମୀ ବସ୍ ଚଳାଚଳ ଆରମ୍ଭ କରିଛନ୍ତି। ଏହି କ୍ରମରେ ଆସନ୍ତା ୧୭ ତାରିଖରୁ ପୁରୀ ଜିଲାର ଗୋପ ବ୍ଲକରେ ଏହି ସେବା ଆରମ୍ଭ କରାଯିବ ବୋଲି ବ୍ଲକ୍ ପକ୍ଷରୁ ଜଣାପଡ଼ିଛି। ଏପରି ହେଲେ ଗୋପ ବ୍ଲକର ୫ଟି ରୁଟରେ ୫ଟି ଲକ୍ଷ୍ମୀ ବସ୍ ସେବା ଯୋଗାଇଦିଆଯିବ ବୋଲି ଗୋପ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ ଛବିରାଣୀ ସାହୁ ସୂଚନା ଦେଇଛନ୍ତି। ଆସନ୍ତା ଫେବୃଆରୀ ୧୬ ତାରିଖରେ ଏହି ଲକ୍ଷ୍ମୀ ବସର ଉଦଘାଟନ କାର୍ଯ୍ୟକ୍ରମ କରାଯିବା ପରେ ୧୭ ତାରିଖରେ ଗୋପ ବ୍ଲକର ୩୧ ଗୋଟି ପଞ୍ଚାୟତରୁ ଏହି ବସ୍ ସେବା ଆରମ୍ଭ ହେବ।

### ୧୦ରେ ଓଡ଼ିଶା-ଜାପାନ ପର୍ବ

ପୁରୀ, ୮।୨(ଅଜିତ୍ ମହାନ୍ତି)

ଚଳିତ ମାସ ୧୦ ତାରିଖରେ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ପକ୍ଷରୁ ତାଳବଣିଆ ଠାରେ ଓଡ଼ିଶା-ଜାପାନ ପର୍ବ ପାଳନ ହେବାକୁ ଯାଉଛି। ଏନେଇ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ ପ୍ରେସ୍ ଇସ୍ତାହାର ଜରିଆରେ ସୂଚନା ଦେଇଛନ୍ତି। ଏହି ପର୍ବରେ ଜାପାନ କଳାକାରମାନେ ସେମାନଙ୍କ ଦେଶର କଳା ସଂସ୍କୃତି ପ୍ରଦର୍ଶନ କରିବେ। ସେହିପରି ଓଡ଼ିଶାର କଳାକାରମାନେ ଐତିହ୍ୟ କଳା ସଂସ୍କୃତିର ଝଲକ ମଞ୍ଚରେ ପ୍ରଦର୍ଶନ କରିବେ। ଫଳରେ ଦୁଇ ଦେଶର କଳା ସଂସ୍କୃତିର ଭାବ ବିନିମୟ ହୋଇପାରିବ। ତତ୍ସହିତ ସଂସ୍କୃତିର ପ୍ରଚାର ପ୍ରସାର ହେବ। ଏହାଦ୍ୱାରା ଆଗାମୀ ଦିନରେ ପର୍ଯ୍ୟଟନ ସହର ପୁରୀ ସମେତ ଓଡ଼ିଶାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଦାସ ଆଶା ପ୍ରକାଶ କରିଛନ୍ତି। ଉକ୍ତ ପର୍ବରେ ସାମିଲ ହୋଇ ଦୁଇ ଦେଶର କଳାକାରଙ୍କ କଳା ପ୍ରଦର୍ଶନ ଦେଖିବାକୁ ଦାଶ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

### ଭାଜପାର ଗାଁକୁ ଚାଲ ଅଭିଯାନ

ବଳଙ୍ଗା, ୮।୨(କେଦାରେଶ୍ୱର ନନ୍ଦ)

ଭାଜପା ପକ୍ଷରୁ ଗୁରୁବାର ବଳଙ୍ଗା ପଞ୍ଚାୟତରେ ଗାଁକୁ ଚାଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଦିଲୀପ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଭିଯାନରେ ସଂଯୋଜକ ପ୍ରଦୀପ୍ତ ନାୟକ, ସନ୍ତୋଷ ରଥ, ଗଙ୍ଗାଧର ଜେନା, ପ୍ରଭାକର ନାୟକ, ରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ପ୍ରତ୍ୟେକଙ୍କ ଘରକୁ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଇ ଆଗାମୀ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ ପାଇଁ ନିବେଦନ କରିଥିଲେ।

### ୩୧ ୟୁନିଟ୍ ରକ୍ତ ସଂଗ୍ରହ

ଚାରିଛକ, ୮।୨(ଶିଶିର ସ୍ୱାଇଁ):

ଚାରିଛକସ୍ଥିତ ନିର୍ମାଲ୍ୟ ନର୍ସିଂହୋମରେ ଏକ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାନେଜର ବିଶ୍ୱଜିତ୍ ମହାନ୍ତିଙ୍କ ଏହା ଆୟୋଜିତ ହୋଇଥିଲା। ଶିବିରରେ ଭୁବନେଶ୍ୱର ମ୍ୟୁନିସିପାଲିଟି ହସ୍ପିଟାଲର ରକ୍ତ ଭଣ୍ଡାରର ଡାକ୍ତର କୈବଲ୍ୟ ପ୍ରସାଦ ପ୍ରଧାନ ଓ ତାଙ୍କ ଟିମ୍ ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ। ଏଥିରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ନର୍ସିଂହୋମ ଡ. ସଞ୍ଜୀବ ମହାପାତ୍ର, ଡ. ସ୍ନେହଲତା ଛୋଟରାୟ, ବିଶ୍ୱଜିତ୍ ଦାଶ, ଆଶୁତୋଷ ବାରିକ୍, ଛବି ରାୟ, ବ୍ରହ୍ମାନନ୍ଦ ଭୋଇ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଯୁବକଙ୍କୁ ରାସ୍ତାରେ ମାଡ଼ ଘଟଣା: ଏଏସ୍ଆଇ ନିଲମ୍ବିତ

ପିପିଲି, ୮।୨(ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର):

ଜଣେ ଯୁବକଙ୍କୁ ଗାମୁଛାରେ ବାନ୍ଧି ରାସ୍ତାରେ ମାଡ଼ ମାରିବା ଘଟଣାରେ ପିପିଲି ଥାନାର ଏଏସ୍ଆଇ ମନୋରଞ୍ଜନ ପରିଡାଙ୍କୁ ଏସ୍ପି ପିନାକ ମିଶ୍ର ଚାକିରିରୁ ନିଲମ୍ବନ କରିଛନ୍ତି। ଏହି କାର୍ଯ୍ୟାନୁଷ୍ଠାନକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ପ୍ରକାଶ ଯେ, ଗତ ୫ ତାରିଖ ରାତିରେ ଏଏସ୍ଆଇ ପରିଡା ପିପିଲି ଥାନା ଭାରତୀପୁର ପଞ୍ଚାୟତ ଅଧୀନ ହସନପୁର ଗ୍ରାମର ନୃସିଂହ ପ୍ରଧାନ ଓରଫ ପାକୁଙ୍କୁ ନିସ୍ତୁକ ମାଡ଼ ମାରିଥିଲେ, ଯାହାର ଭିଡିଓ ଭାଇରାଲ ହୋଇଥିଲା। ଅନ୍ୟପକ୍ଷରେ ପେଟ୍ରୋଲପମ୍ପରେ ତେଲ ପକାଇବାକୁ ନେଇ ଗଣ୍ଡଗୋଳ ଘଟଣାରେ ପୋଲିସ ଏକ କେସ୍ (ନଂ. ୬୧/୨୦୨୪) ମାମଲା ରୁଜୁକରି ଅଭିଯୁକ୍ତ ପାକୁଙ୍କୁ କୋର୍ଟ ଚାଲାଣ କରିଛି। ଭାଇରାଲ ଭିଡିଓରେ ଯୁବକଙ୍କ ଅଣ୍ଟାରେ ଗାମୁଛା ବାନ୍ଧି ଧରିଥିବା ଯୁବକମାନେ ପୋଲିସ ନା ପେଟ୍ରୋଲପମ୍ପ କର୍ମଚାରୀ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି କି ନାହିଁ ସେ ନେଇ ତଦନ୍ତ କରାଯିବାକୁ ଦାବି ହେଉଛି।

# ମହାପ୍ରଭୁଙ୍କ ପାଇଁ ଚାଲିଛି ପଦ୍ମବେଶ ପ୍ରସ୍ତୁତି

ପୁରୀ, ୮।୨( ଅଜିତ୍ ମହାନ୍ତି)



ଆସନ୍ତା ୧୦ ତାରିଖରେ ପଦ୍ମବେଶରେ ସୁସଜ୍ଜିତ ହେବେ ମହାପ୍ରଭୁ। ଏହି ଦୁର୍ଲଭ ବେଶ ପାଇଁ ଶ୍ରୀମନ୍ଦିର ପ୍ରଶାସନଠାରୁ ସେବକ ଓ କଳାକାରମାନଙ୍କ ପକ୍ଷରୁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପରମ୍ପରା ଅନୁଯାୟୀ, ପଦ୍ମବେଶ ପାଇଁ ବଡ଼ଛତା ମଠ ସମସ୍ତ ସାମଗ୍ରୀ ଯୋଗାଇଥାଏ। ପରେ କାରିଗର ଓ ଚିତ୍ରକାରମାନେ ନିଷ୍ଠାର ସହ ବେଶ ପ୍ରସ୍ତୁତ କରିଥାନ୍ତି। ପଣ୍ଡୁ ପୂର୍ଣ୍ଣିମାଠାରୁ ପଦ୍ମବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ପଦ୍ମବେଶ ଭକ୍ତର ଭକ୍ତି ଓ ଭାବମୂଳକ ବେଶ ବୋଲି ବିବେଚନା କରାଯାଏ।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମାଘ ମାସ ଅମାବାସ୍ୟାଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ପଡୁଥିବା ବୁଧବାର କିମ୍ବା ଶନିବାର ଶ୍ରୀବିଗ୍ରହମାନଙ୍କୁ ଏହି ବେଶ କରାଯାଇଥାଏ। ଶ୍ରୀବିଗ୍ରହମାନେ ପ୍ରତ୍ୟେକ ରାତିରେ ବଡ଼ସିଂହାର ବେଶରେ ପହୁଡ଼ ଯାଇଥାନ୍ତି। ତେବେ ବର୍ଷକରେ କେବଳ ଏହି ଗୋଟିଏ ଦିନ ପଦ୍ମବେଶରେ ହିଁ ପହୁଡ଼ ଯାଆନ୍ତି। ମହାପ୍ରଭୁଙ୍କ ପଦ୍ମବେଶକୁ ଆଉ ଅଳ୍ପଦିନ ବାକିଥିବାବେଳେ ମୁଖ୍ୟ କାରିଗର ବସନ୍ତ ରଣାଙ୍କ ନେତୃତ୍ୱରେ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ଶ୍ରୀବିଗ୍ରହମାନଙ୍କ ନିମନ୍ତେ ଚୂଳ, ଶ୍ରୀମୁଖ ପଦ୍ମ, କରପଲ୍ଲବ, ପଦ୍ମକଢ଼ି, ଗଛ, ଡାଳିଲତା, ପଦ୍ମ ଫୁଲ ପ୍ରସ୍ତୁତ କରାଯାଉଛି। ବେଶ ପ୍ରସ୍ତୁତିରେ ମୁଖ୍ୟତଃ ସୋଲ, କଇଁଅ ଅଠା, ଜରି, ବାଉଁଶକାଠି, ରଙ୍ଗ ଏବଂ ପଟ ମାଧ୍ୟମରେ ପଦ୍ମବେଶ ପ୍ରସ୍ତୁତ କରାଯାଏ। ମୁଖ୍ୟତଃ ୮୦ଟି ଛୋଟ ପଦ୍ମ, ୪ଟି ପଦ୍ମକଢ଼ି ବା କର ପଲ୍ଲବ, ୪ଟି ହଂସ, ୭ଟି ଗଛ ସହ ବିଭିନ୍ନ ପ୍ରକାର ଅଳଙ୍କାର ପ୍ରସ୍ତୁତ କରାଯାଇଥାଏ। ସମସ୍ତ କରିଗର ଅରୁଆନ୍ନ ଭକ୍ଷଣ କରି ନିଷ୍ଠାର ସହ ମହାପ୍ରଭୁଙ୍କ ନିମନ୍ତେ ବେଶ ପ୍ରସ୍ତୁତି କରୁଛନ୍ତି। ପଦ୍ମ ବେଶ ପଛରେ ରହିଛି ଏକ ଲୋକ କଥା। ଏକଦା ମନୋହର ଦାସ ନାମକ ଜଣେ ଭକ୍ତ ତଥା ସାଧୁ ପୁରୀକୁ ଆସୁଥିବାବେଳେ ଏକ ପୋଖରୀରୁ କିଛି ପଦ୍ମଫୁଲ ମହାପ୍ରଭୁଙ୍କ ଲାଗି ଆଣିଥିଲେ। ମାତ୍ର ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ପଦ୍ମଫୁଲ ଶୁଖିଯାଇଥିଲା। ଏହି ଶୁଖିଲା ଫୁଲକୁ ଶ୍ରୀମନ୍ଦିରର ସେବକମାନେ ଗ୍ରହଣ କରିନଥିଲେ। ତେବେ ସେହିଦିନ ରାତିରେ ମହାପ୍ରଭୁ ଗଜପତି ମହାରାଜଙ୍କୁ ସ୍ୱପ୍ନାଦେଶ କରି ଉକ୍ତ ଫୁଲକୁ ଲାଗି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ସାଧୁ ଆଣିଥିବା ପଦ୍ମ ଫୁଲରେ ମହାପ୍ରଭୁଙ୍କ ବେଶ ହୋଇଥିଲା। ସେହିପରି ଏହି ବେଶର ପ୍ରବର୍ତ୍ତକ ବଡ଼ଛତା ମଠର ସନ୍ଥ ରଘୁବର ଦାସ ବୋଲି କେତେଜଣ ଗବେଷକ ମତ ଦିଅନ୍ତି।

**ବଡ଼ଛତା ମଠ ସମସ୍ତ ସାମଗ୍ରୀ ଯୋଗାଇଛି**

# ଆଜି ପରଦାକୁ ଆସିବ 'କେମିତି ଏ ସମ୍ପର୍କ'



ପୁରୀ, ୮।୨(ଅଜିତ୍ ମହାନ୍ତି)

ଜେଜେଏନ୍ଜେ ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'କେମିତି ଏ ସମ୍ପର୍କ' ଶୁକ୍ରବାର ମୁକ୍ତିଲାଭ କରିବାକୁ ଯାଉଛି। ଏହି ଅବସରରେ ଗୁରୁବାର ପ୍ରଯୋଜକ ରୁପେଶ କୁମାର ନାୟକଙ୍କ ସହିତ ଅଭିନେତ୍ରୀ ଏଲିନା ସାମନ୍ତରାୟ, ଲିପ୍ସା ମିଶ୍ର, କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ପ୍ରମୁଖ ଶ୍ରୀମନ୍ଦିରରେ ପହଞ୍ଚି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଥମ ନିମନ୍ତ୍ରଣ ଅର୍ପଣ କରିଛନ୍ତି। ଚଳଚ୍ଚିତ୍ରର ପ୍ରଚାର ପାଇଁ ଟିମ୍ ବ୍ରହ୍ମପୁର ସମେତ ବିଭିନ୍ନ ସ୍ଥାନକୁ ଯାଇ ଫ୍ୟାନ ଫଲୋର୍ସଙ୍କ ସହିତ ମିଶି ସିନେମାର ପ୍ରମୋଶନ୍ରେ ଲାଗିପଡ଼ିଛନ୍ତି। ଏହି ସିନେମା ଓଡ଼ିଶାର ୩୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ସିନେମାର କାହାଣୀ ଓ ପ୍ରଯୋଜନା ଦାୟିତ୍ୱରେ ଥିବା ରୂପେଶ କୁମାର ନାୟକଙ୍କର ଏହା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର। କାହାଣୀରେ ଯେମିତି ରହସ୍ୟ ରୋମାଞ୍ଚ ଭରିରହିଛି, ସେମିତି ରହିଛି ପ୍ରେମ ସମ୍ପର୍କ ଓ ସଂଘର୍ଷର କଥା। ହିମାଂଶୁ ପରିଜା (ଚଣ୍ଡୀ) ନିର୍ଦ୍ଦେଶନା ଏବଂ ଅଭିଜିତ ମଜୁମଦାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ନିର୍ମଳ ନାୟକ ଗୀତ ଓ ଚିନ୍ମୟ ଦାସ ପଟ୍ଟନାୟକ ସଂଳାପ ରଚନା କରିଛନ୍ତି। କୋରିଓଗ୍ରାଫିରେ ଲୁବୁନ ଟୁବୁନ, ଭିଏଫକ୍ସ ଦାୟିତ୍ୱରେ ଅମର ଦାଶ, ମୁଖ୍ୟ ବ୍ୟବସ୍ଥାପକ ଭାବେ ଚିତ୍ତରଞ୍ଜନ ଆଚାର୍ଯ୍ୟ ଓ କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ଅଛନ୍ତି। ପ୍ରଦ୍ୟୁମ୍ନ ଲେଙ୍କା, ଅସିତ ପତି, ଜୀବନ ପଣ୍ଡା, ଉଷସୀ ମିଶ୍ର, ନମିତା ଦାସ, ଗୁଣ୍ଡୁ, ସନ୍ତୁ, ମିଳନ, ସବିତା, ମମତା, ଜ୍ଞାନ, ଭକ୍ତି, ଶିବ ପୂଜାପଣ୍ଡା ଓ ଶିଶୁ କଳାକାର ଲତାଶା ଖୁରାନା ପ୍ରମୁଖ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ର ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପ୍ରଯୋଜକ ଓ ନିର୍ଦ୍ଦେଶକ ଆଶା ପ୍ରକାଶ କରିଛନ୍ତି।

**ସଫଳତା କାମନା କରି ମହାପ୍ରଭୁଙ୍କୁ ପ୍ରଥମ ନିମନ୍ତ୍ରଣ**



ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କ୍ଷେତ୍ରରେ ପାଟେଲିଆ ଗାଁ କଲ୍ୟାଣ ସମିତିକୁ ପୁରସ୍କାର ପ୍ରଦାନ କରାଯାଉଛି ।

## ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ନେଇ ପାଟେଲିଆଗାଁ କଲ୍ୟାଣ ସମିତିର ସଫଳତା

ଗୋପ, ୮।୨(ଭାରତୀ ଭୂଷଣ ଉପାଧ୍ୟାୟ)

ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତାରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପାଟେଲିଆ ଗାଁ କଲ୍ୟାଣ ସମିତି ପୁରୀ ଜିଲାରେ ପ୍ରଥମ ସ୍ଥାନ ହାସଲ କରିଛି। ଏହି କ୍ରମରେ ଜିଲା ଚିକିତ୍ସାଧିକାରୀ ଡ.ସୁଜାତା ମିଶ୍ର ଉକ୍ତ କଲ୍ୟାଣ ସମିତିକୁ ସମ୍ମାନିତ କରିଛନ୍ତି। ଗାଁ ଗାଁରେ ସ୍ୱଚ୍ଛତା ଓ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ବୈଠକ କରିବାରେ ଏହି କଲ୍ୟାଣ ସମିତି ସଫଳତା ପାଇଛି। ଅନ୍ୟପଟେ ଏନେଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଜସ୍ମିନି ଆପ୍ରୋଜ ପାଟେଲିଆ ଗାଁ କଲ୍ୟାଣ ସମିତିର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି। ସୂଚନାଥାଉକି, ଗତ ୨ ତାରିଖ ଦିନ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଶା କର୍ମୀ ଓ ଗାଁ କଲ୍ୟାଣ ସମିତି ସହିତ ଅନ୍ୟ କିଛି ସ୍ୱାସ୍ଥ୍ୟ ସମ୍ପର୍କିତ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଫଳତା ହାସଲ କରିଥିବା ବେଳେ ପାଟେଲିଆ ଗାଁ କଲ୍ୟାଣ ସମିତିକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସେବା ଯୋଜନାଗୁଡ଼ିକୁ ସୂଚାରୁରୂପେ ସଂପାଦନା କରିଥିବାରୁ ଜିଲାର ଶ୍ରେଷ୍ଠ କଲ୍ୟାଣ ସମିତି ଭାବେ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ୧୯୭ ଜଣ ଆଶା କର୍ମୀ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା କ୍ଷେତ୍ରରେ ଆଗରେ ରହିଥିବା ବେଳେ ଜିଲାସ୍ତରରେ କୋଣାର୍କ ନୋଳିଆସାହିର କାର୍ଯ୍ୟରତ ଆଶା କର୍ମୀ ନମିତା ସାହୁଙ୍କୁ ମଧ୍ୟ ଜିଲା ଚିକିତ୍ସାଧିକାରୀ ଡ. ସୁଜାତା ମିଶ୍ର ସମ୍ମାନିତ କରିଥିଲେ। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଆପ୍ରୋଜ ଓ ସୁଶାନ୍ତ କୁମାର ରାଉତ ପ୍ରମୁଖ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଗୋମାଂସ ଚାଲାଣ ଗାଡ଼ିକୁ ଧରି ପୋଲିସ ଜିମା ଦେଲେ ଗ୍ରାମବାସୀ

ଗୋପ, ୮।୨(ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ଥାନା ଅଧୀନ ଖଡିଶ ଗାଁ ନିକଟରେ ଏକ ଗୋମାଂସ ଗାଡ଼ିକୁ ଗୁରୁବାର ରାତ୍ରି ୯ଟା ସମୟରେ ଗ୍ରାମବାସୀ ଧରି ଗୋପ ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି। ଗାଡ଼ି ଚାଳକଙ୍କ ସହିତ ୨/୩ ଜଣ ଗୋମାଂସ ଚାଲାଣକାରୀ ଖସିପଳାଇଥିବା ଜଣାପଡ଼ିଛି। ଏନେଇ ଥାନା ଏସ୍ଆଇ ଭାସ୍କର ମାଣିଆଙ୍କ ଅଭିଯୋଗରେ ୬୧/୨୪ରେ ଏକ ମକଦ୍ଦମା ରୁଜୁ କରାଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କୁ ପଚାରିବାରେ, ସେ ଏପରି ଅଭିଯୋଗ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

ପ୍ରକାଶ ଯେ, ପ୍ରତ୍ୟେକ ଦିନ ଗୋପ ଥାନା ଅଞ୍ଚଳରୁ ଦିନ ଓ ରାତିରେ ଖୁଲମଖୁଲା ଗୋମାଂସ ସହିତ ଗୋରୁଙ୍କୁ ଟ୍ରକ ଯୋଗେ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ମାତ୍ର ପୋଲିସ ନିରବ ରହିବା ଭଳି ଅଭିଯୋଗ ରହିଛି। ଗୁରୁବାର ସନ୍ଧ୍ୟାରେ ଏକ ଟାଟା ଏସି ଗାଡ଼ି ଯୋଗେ ପ୍ରାୟ ୧୦ କଣ୍ଟାଲରୁ ଊର୍ଦ୍ଧ୍ୱ ଗୋମାଂସ ଯାଉଥିବାବେଳେ ଖଡିଶ ଗାଁର କେତେଜଣ ଯୁବକ ଏହି ଗାଡ଼ିକୁ ଅଟକାଇଥିଲେ। ଏଥିରେ ଗୋମାଂସ ଥିବା ଜଣାପଡ଼ିବା ପରେ କିଛି ସମୟ ଲାଗି ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ଜାଭିୟର ହାଇସ୍କୁଲରେ ବାର୍ଷିକ ଉତ୍ସବ

କୋଣାର୍କ, ୮।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ମାଧିପୁରସ୍ଥିତ ଜାଭିୟର୍ ହାଇସ୍କୁଲର ବାର୍ଷିକ ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ହାଇସ୍କୁଲର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ସମୀର କୁମାର ଭୂୟାଁଙ୍କ ପୌରୋହିତ୍ୟରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଗୋପ ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା ମୁଖ୍ୟବକ୍ତା ଓ ଜାଭିୟର୍ ଗ୍ରୁପ୍ ଅଫ୍ ସ୍କୁଲର ନିର୍ବାହୀ ନିର୍ଦ୍ଦେଶକ ହିମାଂଶୁ ଭୂଷଣ ତ୍ରିପାଠୀ, ଚୌଦ୍ୱାରସ୍ଥିତ ଜାଭିୟର୍ ହାଇସ୍କୁଲର ଚେୟାରମ୍ୟାନ ଶକ୍ତିପ୍ରସାଦ ମହାନ୍ତି, ନୀଳାଦ୍ରି ବିହାର ଜାଭିୟର୍ ସ୍କୁଲର ସଂପାଦିକା ସବିତା ତ୍ରିପାଠୀ, କୋଣାର୍କ ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ରନାଥ ବାହିନୀପତି ଓ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍କୁଲର ଦିବଂଗତ ଅଧ୍ୟକ୍ଷା ଲିଜାଲିନ୍ ପାତ୍ରଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲ। ନିଜର ମାତୃଭାଷା ଓ ମାତୃଭୂମିର ପରମ୍ପରା ଓ ସଂସ୍କୃତିକୁ ନ ଭୁଲିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାଇସ୍କୁଲର ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ଦାଶ ବିବରଣୀ ପାଠ କରିଥିବା ବେଳେ ଉପାଧ୍ୟକ୍ଷ ଅତୁଲ କୁମାର ପତି ସଞ୍ଚାଳନ କରିଥିଲେ। ଏହିଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମଲ୍ଲିକ୍, କୁନିଲତା ସ୍ୱାଇଁ, କାଦମ୍ବିନୀ ପାତ୍ର, ଶୁଭସ୍ମିତା ସାହୁ, ମିଳନମୈତ୍ରୀ ବରାଳ, ଶ୍ରାବଣୀ ପ୍ରଧାନ, ଶିକ୍ଷକ ବାଦଲ କୁମାର ସ୍ୱାଇଁ, ସଂଜୀବ କୁମାର କାଣ୍ଡି, ଜଗନ୍ନାଥ ସ୍ୱାଇଁ, ଚିନ୍ମୟ କୁମାର ପ୍ରଧାନ ଓ ଆକାଶ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିବା ବେଳେ ଶିକ୍ଷକ ଆଶୁତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କାୟାକଳ୍ପ ଯୋଜନାରେ ମେଡିକାଲକୁ ଡଷ୍ଟବିନ୍ ବଣ୍ଟନ




ପୁରୀ, ୮।୨(ଅଜିତ୍ ମହାନ୍ତି)

କେନ୍ଦ୍ର ସରକାରଙ୍କ କାୟାକଳ୍ପ ଯୋଜନାରେ ପୁରୀସ୍ଥିତ ଟିବି ଆଣ୍ଡ ଆଇଡି ହସ୍ପିଟାଲକୁ ଡଷ୍ଟବିନ୍ ବଣ୍ଟନ କରାଯାଇଛି। ପୁରୀ ଏମ୍ପିଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ସମାଜସେବୀ ଲୋକନାଥ ମହାପାତ୍ର, ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଉତ୍ପଳା ନନ୍ଦୀଙ୍କୁ ଡଷ୍ଟବିନ୍ ପ୍ରଦାନ କରିଥିଲେ। ସେହିପରି ରୋଗୀଙ୍କୁ ମୌଳିକ ସୁବିଧା ଯଥା ପିଇବା ପାଣି, ଶୌଚାଳୟ, ଶଯ୍ୟା, ବେଡସିଟ୍, ଏବଂ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉଥିବା ଉପଲବ୍ଧ କରିଥିଲେ। ମର୍ଦ୍ଦରାଜ ହସ୍ପିଟାଲ ବୁଲି ପରିମଳ ବ୍ୟବସ୍ଥା ଓ ସ୍ୱଚ୍ଛତାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ପୁଷ୍ପାଞ୍ଜଳି ନାୟକ ପରିଚାଳନା କରିଥିଲେ। ଅକ୍ଷୟ କୁମାର ସ୍ୱାଇଁ, ଅଞ୍ଜନ ମୋହିନୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# କିଶୋରୀଙ୍କ ପାଇଁ ଉତ୍ତମ ମାଧ୍ୟମ ଅଦ୍ୱିକା

ସାକ୍ଷୀଗୋପାଳ, ୮।୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ଶିଶୁ ଓ ମହିଳା ବିକାଶ କାର୍ଯ୍ୟାଳୟ ପକ୍ଷରୁ ସତ୍ୟବାଦୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅଦ୍ୱିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଶୁ ଓ ମହିଳା ବିକାଶ ଅଧିକାରିଣୀ ରାଜଲକ୍ଷ୍ମୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାଶ ଓ ବରିଷ୍ଠ ଶିକ୍ଷକ ଅଗସ୍ତି କୁମାର ବେହେରା ଯୋଗଦେଇଥିଲେ। ଶାରୀରିକ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଜେନା ଉପସ୍ଥିତ କିଶୋରୀମାନଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ଅବଗତ କରାଇଥିଲେ। ଅଦ୍ୱିକା ମାଧ୍ୟମରେ କିଶୋରୀଙ୍କ ମାନସିକ, ଶାରିରୀକ ଓ ସାମାଜିକ ବିକାଶ ସହିତ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ନିଜ ଅଧିକାର ବିଷୟରେ ସେମାନଙ୍କୁ ଅବଗତ କରାଯାଉଛି। ୧୦ରୁ ୧୯ ବର୍ଷ ଏହି ସମୟରେ କିଶୋରୀଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ହେଉଛି ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ ସେମାନେ ସାମ୍ନା କରୁଥିବା ଶାରୀରିକ ଓ ମାନସିକ ତଥା ସାମାଜିକ ସମସ୍ୟା ସମ୍ପର୍କରେ ସଚେତନ ହେବା ଜରୁରୀ ବୋଲି ଦାସ କହିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି ସୁପରଭାଇଜର ପିୟୁଷମୟୀ ପଣ୍ଡା, ବିନୋଦିନୀ ଷଡ଼ଙ୍ଗୀ, ରାଧାରାଣୀ ଦାଶଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ ଓ ସହାୟକମାନେ ଉପସ୍ଥିତ ଥିଲେ ।

# ପୁରୀ ରୋଟାରୀ କ୍ଲବ୍ ପକ୍ଷରୁ ଭାରତ ଯାତ୍ରା ରଥ




ପୁରୀ, ୮।୨(ଅଜିତ୍ ମହାନ୍ତି)

ପୁରୀ ରୋଟାରୀ କ୍ଲବ୍ ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ପ୍ରସାର ପ୍ରଚାର ଉଦ୍ଦେଶ୍ୟରେ ଭାରତ ଯାତ୍ରା ରଥ ଭ୍ରମଣରେ ବାହାରିଛି। ଗୁଣ୍ଡିଚା ମନ୍ଦିର ନିକଟରୁ ଏହି ରଥ ଯାତ୍ରା ଆରମ୍ଭ କରିଛି। ରୋଟାରୀ ୩୨୬୨ ଜିଲା ଗଭର୍ନର ଜୟଶ୍ରୀ ମହାନ୍ତି ଏବଂ ଆସନ୍ତା ବର୍ଷର ଗଭର୍ନର ଯାଜ୍ଞଶିଷ ମହାପାତ୍ର ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଉକ୍ତ ରଥ ରାଜ୍ୟରେ ଥିବା ସମସ୍ତ ରୋଟାରୀ କ୍ଲବ୍‌କୁ ଯିବା ସହ ସନାତନ ହିନ୍ଦୁମାନଙ୍କ ଚାରିଧାମ ଭ୍ରମଣ କରିବ। ସେହିପରି ସାରା ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ତଥା ଶ୍ରୀଜଗନ୍ନାଥ ତତ୍ତ୍ୱର ପ୍ରସାର ପ୍ରଚାର କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରଥ ଭ୍ରମଣ କାର୍ଯ୍ୟକ୍ରମ ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ପକ୍ଷରୁ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭାରତଯାତ୍ରା କମିଟିର ଅଧ୍ୟକ୍ଷ ମନମୋହନ ପଣ୍ଡା , ବିଘ୍ନେଶ୍ୱର ବେହେରା ଓ ରୋଟାରୀ କ୍ଲବ୍ ପୁରୀ ସାଗରର ସଭାପତି ରାଜଦୀପ ଘୋଷ ପ୍ରମୁଖ ପରିଚାଳନା କରିଥିଲେ।

# 'ପାଠ ଭଳି ଖେଳକୁ ଗୁରୁତ୍ୱ ଦିଅନ୍ତୁ ଛାତ୍ରୀଛାତ୍ର'

**ସତ୍ୟବାଦୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ**

ସାକ୍ଷୀଗୋପାଳ, ୮।୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):



କ୍ରୀଡ଼ା ଉତ୍ସବ ଉଦଘାଟନ ଅବସରରେ ଅତିଥି ଏବଂ ଅନ୍ୟମାନେ।

ସତ୍ୟବାଦୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବାଳକ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷକ ସୁଚିତ୍ର ଖଟେଇ ଏବଂ ବିଦ୍ୟାଳୟ ଅଭିଭାବକ କମିଟି ସଭାପତି କାଳୁ ବିଶ୍ୱାଳ ଯୋଗଦେଇଥିଲେ। ଶିକ୍ଷକ ଉମାକାନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ କହିଥିଲେ ଯେ, ସମ୍ପ୍ରତି ରାଜ୍ୟ ସରକାର ବିଦ୍ୟାଳୟ ସ୍ତରରେ ଉତ୍ତମ ଶିକ୍ଷା ସହ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରୁଛନ୍ତି, ଯାହାଦ୍ୱାରା ସ୍କୁଲ ସ୍ତରରୁ ପିଲାଟି ଖେଳ ସହ ଯୋଡ଼ି ହୋଇ ରହିଲେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଭଲ ଖେଳାଳି ଭାବେ ନିଜକୁ ପ୍ରତିପାଦିତ କରିପାରିବ। ଭଲ ଖେଳାଳି ଦେଶର ସୁନାମ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ତେଣୁ ପାଠ ଭଳି ଖେଳକୁ ଗୁରୁତ୍ୱ ଦେବା ସହ ଖୁବ୍ ଶୀଘ୍ର ବିଦ୍ୟାଳୟ ଖେଳପଡ଼ିଆର ଉନ୍ନତୀକରଣ କରାଯିବ ବୋଲି ମୁଖ୍ୟ ଅତିଥି କହିଥିଲେ। ଶିକ୍ଷୟିତ୍ରୀ ସବିତା ରଥଙ୍କ ପରିଚାଳନାରେ ଛାତ୍ରୀ ସୁକନ୍ୟା ଶୁଭଦର୍ଶିନୀ ସ୍ୱାଇଁ, ପ୍ରିୟା ଦେବଜାନୀ ମହାରଣା, ସିଦ୍ଧେଶ୍ୱରୀ ପୂଜାରୀ, ସୁମିତା ପ୍ରଧାନ, ସ୍ୱୟଂସ୍ନିଗ୍ଧା ଜେନା, ସୁଭାସ୍ମିତା ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶ୍ରେୟାଶ୍ରୀ ମହାପାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସତ୍ୟଭାମା ପଲେଇ, ଶିଳ୍ପୀ ରେଖା ତ୍ରିପାଠୀ, ଅନିତା ଭୋଇ, ରୋଜାଲିନ ଭୁଜବଳ, ଶିକ୍ଷକ ଅଗସ୍ତି କୁମାର ବେହେରା, ମନୋରଞ୍ଜନ ନାଥ, ସର୍ବେଶ୍ୱର ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶାରୀରିକ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଜେନା କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ।

## କାର୍ ଧକ୍କାରେ ୭ ଆହତ

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ-ପାରାଦୀପ ରାସ୍ତାର ବିରିବାଟୀ ପୋଲ ନିକଟରେ ଗୁରୁବାର ଏକ କାର ଧକ୍କାରେ ୭ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ମହିଳା ଓ ଶିଶୁଙ୍କ ଅବସ୍ଥା ଗୁରୁତର ରହିଛି। ଉକ୍ତ କାର ଧକ୍କାରେ ଏକ ଦୋକାନ କ୍ଷତିଗ୍ରସ୍ତ ହେବା ସହ ଦୁଇଟି ବାଇକ୍ ଭାଙ୍ଗିଯାଇଛି। କାର୍‌ଟି ଦ୍ରୁତଗତିରେ ପାରାଦୀପରୁ କଟକ ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଏକ ଦୋକାନକୁ ଧକ୍କା ଦେଇଥିଲା। ଏହା ପରେ ସ୍କୁଟି ଓ ଲୋକଙ୍କୁ ଧକ୍କାଦେଇଥିଲା। କନ୍ଦରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।



## ସଂକ୍ଷେପରେ

### 'ବିଶ୍ୱରେ ଜଗନ୍ନାଥ ସଂସ୍କୃତିର ସ୍ୱତନ୍ତ୍ରତା ରହିଛି'

କଣ୍ଟାପଡା, ୮।୨(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟର ମିଳିତ ସହଯୋଗରେ ନୂଆ-ଓ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଗଗନ ବେଉରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଶ୍ୱରେ ଓଡ଼ିଆ ଭାଷା ଓ ସଂସ୍କୃତିର ସ୍ୱତନ୍ତ୍ରତା ରହିଛି ବୋଲି କହିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ଡ. ବେଣୁଧର ପାଢ଼ୀ, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା ବୋର୍ଡର ପୂର୍ବତନ ସଭାପତି ଦ୍ୱିଜବର ସାଥୁଆ ଓ ଅଧ୍ୟାପକ ଡ. ଶ୍ରୀଚରଣ ଦାସ ଯୋଗଦେଇଥିଲେ। ଏହି ଅବସରରେ ପ୍ରତିଯୋଗିତାରେ ଭାଗନେଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଚକ୍ଷୁ ଚିକିତ୍ସା ଶିବିର

କଟକ, ୮।୨(ଶିଳ୍ପା ପ୍ରିୟଦର୍ଶିନୀ)

ଝାଞ୍ଜିରିମଙ୍ଗଳା ଯୁବକ ସଂଘ ସଭାଗୃହଠାରେ ଚକ୍ଷୁ ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଝାଞ୍ଜିରିମଙ୍ଗଳା ଯୁବକ ସଂଘ ଓ ଚକ୍ଷୁ ନେତ୍ରମର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ଝାଞ୍ଜିରିମଙ୍ଗଳା ମଦନମୋହନ କମିଟି ସମ୍ପାଦକ ବିଜୟ କୁମାର ନାୟକ, ସଭାପତି ପତିତପାବନ ସ୍ୱାଇଁ, ମହନ୍ତ ରବୀନ୍ଦ୍ର ନାଥ ସାହୁ, କର୍ପୋରେଟର ସୁମିତ୍ରା ବସ୍ତିଆ ଓ ରବିନାରାୟଣ ସାହୁ ଯୋଗଦେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଯୁବକ ସଂଘ ସଭାପତି ପିଙ୍କୁଆ ରାଜ ଓ ସମ୍ପାଦକ ସୁନୀଲ ବସ୍ତିଆ ଶିବିର ପରିଚାଳନା କରିଥିଲେ।

### ଧର୍ମପରାୟଣ ମହିଳାଙ୍କ ପରଲୋକ

ଫୁଲନଖରା,୮।୨(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ବିଶ୍ୱାଳପଡା ଗ୍ରାମର ଧର୍ମପରାୟଣ ମହିଳା ମୀନାରାଣୀ ବେହେରାଙ୍କର ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ



ଧରି ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ମହେଶ୍ୱର ବେହେରା, ପୁଅ ବରଦା ପ୍ରସାଦ ବେହେରା, ପୁତ୍ରବଧୂ ସସ୍ମିତା ବେହେରା, ଝିଅ ଜ୍ୟୋତିର୍ମୟୀ ବେହେରା, ଦୀପ୍ତିମୟୀ ରାଉତ, ତୃପ୍ତିମୟୀ ରାଉତଙ୍କ ସମେତ ଜ୍ୱାଇଁ, ନାତୁଣୀ, ନାତି ଉପସ୍ଥିତ ଥିଲେ। ତାଙ୍କର ମରଶରୀର ଗ୍ରାମ ପରିକ୍ରମା କରିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ବରଦା ମୁଖାଗ୍ନି ଦେଇଥିଲେ। ମୀନାରାଣୀ ଜଣେ ମିଷ୍ଟଭାଷୀ, ଧର୍ମ ପରାୟଣ ଓ ପରୋପକାରୀ ମହିଳା ଥିଲେ।

# ଏସ୍‌ସିବିରୁ ୫ ଦଲାଲ ଗିରଫ

କଟକ,୮।୨ (କାର୍ତ୍ତିକ ସାହୁ)

ଏସ୍‌ସିବି ମେଡିକାଲରୁ ଘରୋଇ ଡାକ୍ତରଖାନାକୁ ରୋଗୀ ଚାଲାଣ କରିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ୫ ଜଣ ଦଲାଲଙ୍କୁ ଗୁରୁବାର ଗିରଫ କରିଛି। ସେମାନଙ୍କ ମଧ୍ୟରେ ୪ ଜଣ ଆମ୍ବୁଲାନ୍ସ ଡ୍ରାଇଭର୍ ସାମିଲ ଅଛନ୍ତି। ସେମାନେ ହେଲେ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ନୂଆସାହିର ତ୍ରିନାଥ ନାୟକ, ଏସ୍‌ସିବି ମେଡିକାଲ ନିକଟରେ ରହି ଘରୋଇ ଆମ୍ବୁଲାନ୍ସ ଚଲାଉଥିବା ଜଗତପୁର ଥାନା ଅନ୍ତର୍ଗତ ପୀର ବଜାରର ସେକ୍ ମିଟୁନ, ତିର୍ତ୍ତୋଲ ବେଲପୁରର ବିଶ୍ୱଜିତ୍ ପରିଡ଼ା, ସାଲେପୁର ନନ୍ଦୋଳର ଅବ୍‌ଦୁଲା ୱାଦୁଦ୍ ଖାଁ, ବଡ଼ମ୍ବା ବଡ଼ବାରେଣିର ବଳିଆ ଓରଫ ଉତ୍କଳ ନାୟକ। ପୋଲିସ ସେମାନଙ୍କ ନିକଟରୁ ବିଭିନ୍ନ ଘରୋଇ ଡାକ୍ତରଖାନାର କାଗଜପତ୍ର ଜବତ କରିଛି। ଘରୋଇ ଡାକ୍ତରଖାନାର



ଗିରଫ ୫ ଅଭିଯୁକ୍ତ।

ଦଲାଲ ସାଜି ଗରିବ ରୋଗୀଙ୍କୁ ଏସ୍‌ସିବି ମେଡିକାଲରୁ ଅନ୍ୟତ୍ର ସ୍ଥାନାନ୍ତର କରୁଥିବା ନେଇ ଅଭିଯୋଗ ପାଇବା ପରେ ପୋଲିସ ଚଢ଼ାଉ କରିଥିଲା।

ସୂଚନାନୁସାରେ, ଏସ୍‌ସିବି ମେଡିକାଲ ଫାଣ୍ଡି ଏଏସ୍‌ଆଇ ସୁବାସ ଚନ୍ଦ୍ର ଦେହୁରୀ ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ମେଡିକାଲ ପରିସରରେ ଗୁରୁବାର ପାଟ୍ରୋଲିଂ କରୁଥିଲେ। ନନ୍-ଟ୍ରମା କାଜୁଆଲ୍‌ଟି ନିକଟରେ କେତେଜଣ ଦଲାଲ ବୁଲୁଥିବା ନେଇ ପୋଲିସର ନଜରକୁ ଆସିଥିଲା। ଏହି ଦଲାଲମାନେ ଉନ୍ନତମାନର ଚିକିତ୍ସା ସେବା ଯୋଗାଇବା ଦେବା କଥା କହି ଘରୋଇ କ୍ଲିନିକକୁ ଗରିବ ରୋଗୀଙ୍କୁ ପ୍ରବର୍ତ୍ତାଇ ପଠାଉଥିଲେ। ସେମାନେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଘରୋଇ ଡାକ୍ତରଖାନାରେ ପ୍ରତିଷ୍ଠିତ ଡାକ୍ତରମାନେ ଚିକିତ୍ସା କରୁଥିବା କହୁଥିଲେ। ଠିକ୍ ସେତିକି ବେଳେ ଦୁଇ ଜଣ ରୋଗୀ ସମ୍ପର୍କୀୟ ଦଲାଲଙ୍କ

### ଘରୋଇ ମେଡିକାଲକୁ ରୋଗୀ ପଠାଉଥିଲେ

କବଳରେ ଫସିଯାଇଥିବା ପାଟ୍ରୋଲିଂ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀମାନେ ଜାଣିବାକୁ ପାଇଥିଲେ। ପୋଲିସ ଦଲାଲ ଗ୍ୟାଙ୍ଗ୍‌ର ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କୁ ପଚରାଉଚରା ସମୟରେ ପୋଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ମୁଖ୍ୟତଃ ଓଡ଼ିଶାର ଦୂରଦୂରାନ୍ତରୁ ଆସୁଥିବା ଅସହାୟ, ଅଜ୍ଞ ଲୋକମାନଙ୍କୁ ଦଲାଲମାନେ ଟାର୍ଗେଟ କରୁଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। କଟକ ବଡ଼ ଡାକ୍ତରଖାନାରେ ଉନ୍ନତ ଚିକିତ୍ସା ସେବା ମିଳୁ ନ ଥିବା ଏବଂ ଘରୋଇ ହସ୍ପିଟାଲରେ କମ୍ ଖର୍ଚ୍ଚରେ ଚିକିତ୍ସା ସେବା ଯୋଗାଇଦେବାର ଲୋଭ ଦେଖାଉଥିବା ଅଭିଯୁକ୍ତମାନେ ପୋଲିସ ନିକଟରେ ସ୍ୱୀକାର କରିଥିବା ଅତିରିକ୍ତ ଡିସିପି ଅନିଲ ମିଶ୍ର ସୂଚନା ଦେଇଛନ୍ତି।



କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ସାଧନା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗୁରୁବାର ଅନୁଷ୍ଠିତ ନାଟ୍ୟ ସମାହାର ଉତ୍ସବରେ ଅଭିନେତା ବ୍ରଜ ସିଂଙ୍କୁ ସାଧନା ସମ୍ମାନ ପ୍ରଦାନ କରାଯାଉଛି।

## ଚଷାପଡ଼ାରେ ପାନୀୟଜଳ ସମସ୍ୟା

କଟକ, ୮।୨(ଶିଳ୍ପା ପ୍ରିୟଦର୍ଶିନୀ)

### ଜିଲାପାଳଙ୍କୁ ଦାବିପତ୍ର

ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଇନ୍ଦ୍ରାଣୀପାଟଣା ପଞ୍ଚାୟତ ଚଷାପଡା ଗ୍ରାମରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଗ୍ରାମରେ ପାନୀୟଜଳ ବ୍ୟବସ୍ଥା କରାଯାଇଥିବାବେଳେ ଚଷାପଡା ଗ୍ରାମବାସୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଫଳରେ ଲୋକମାନେ ବାଧହୋଇ ନଦୀର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଏହାଦ୍ୱାରା ରୋଗ ବ୍ୟାପିବା ଆଶଙ୍କା ରହିଛି। ତୁରନ୍ତ ଉକ୍ତ ଗ୍ରାମରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ବିଜେଡି ନେତ୍ରୀ ରୂପାଲୀ ଲେଙ୍କା ସମର୍ଥକଙ୍କ ସହିତ ଗୁରୁବାର ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ଆଲୋଚନା କରିଛନ୍ତି। ଏଥିସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

# ଖଦି ମହୋତ୍ସବ ଉଦ୍‌ଘାଟିତ



ଖ୍ରୀଷ୍ଟିଆନ୍ ସାହି ପଡିଆରେ ଅନୁଷ୍ଠିତ ଖଦି ମହୋତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ଭୁବନେଶ୍ୱର,୮।୨(ଅନୁରାଧା ମହାରଣା)

ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ, କେନ୍ଦ୍ର ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ କଟକର ବିଜୁ ପଟ୍ଟନାୟକ ଛକସ୍ଥିତ ଖ୍ରୀଷ୍ଟିଆନ୍ ସାହି ପଡିଆରେ ଗୁରୁବାର ଖଦି ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ବିଶେଷଜ୍ଞ ସଦସ୍ୟ (ବିପଣନ) ଲଳିତ କୁମାର ଶାହ ଏହାକୁ ଉଦ୍‌ଘାଟନ କରିଥିଲେ। ଆୟୋଗର ସଦସ୍ୟ ମନୋଜ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ରାଜ୍ୟ କାର୍ଯ୍ୟାଳୟ ନିର୍ଦ୍ଦେଶକ ଆଇ. ଜବାହର ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ପଟ୍ଟା, ଅନୁପ କୁମାର ଭୂୟାଁ ଓ ବିଚିତ୍ରାନନ୍ଦ ପଣ୍ଡା ଯୋଗଦେଇଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୧୫ ତାରିଖ ଯାଏ ଚାଲିବ। ଏହି ପ୍ରଦର୍ଶନୀରେ ଗ୍ରାମୋଦ୍ୟୋଗ ଉତ୍ପାଦ ଆଚାର, ଧୂପକାଠି, ହଳଦୀଗୁଣ୍ଡ, ମସଲାଗୁଣ୍ଡ, ଚମଡା ସାମଗ୍ରୀ ଉପଲବ୍ଧ ହେଉଛି। ଏହାସହ ଖଦି ପୋଷାକ, ଖଦି ଗାମୁଛା, ଖଦୀ ସାଲ ଆଦି ବିଭିନ୍ନ ଜିନିଷ ମିଳୁଛି। ପ୍ରଦର୍ଶନୀରେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଚିତ୍ର କଳା ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି।

## କ୍ରିୟାଶୀଳ ହେବ ୱାର୍ଡ ପରିମଳ ସମିତି

### ୱାର୍ଡ ଅଫିସରମାନଙ୍କ ବୈଠକ

■ ଦ୍ୱିତୀୟ, ଚତୁର୍ଥ ଶୁକ୍ରବାରରେ ବସିବ ବୈଠକ

କଟକ,୮।୨ (କାର୍ତ୍ତିକ ସାହୁ)

ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗୁରୁତ୍ୱ ଦେଇଛନ୍ତି। ଏହାକୁ ଅଧିକ ଲୋକାଭିମୁଖୀ କରିବା ଲାଗି ସିଏମ୍‌ସି ପକ୍ଷରୁ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତି ୱାର୍ଡରେ ଥିବା ପରିମଳ ସମିତି ଅଧିକ କ୍ରିୟାଶୀଳ କରାଯିବ ବୋଲି ୱାର୍ଡ ଅଫିସରମାନଙ୍କ ବୈଠକରେ ଗୁରୁବାର ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ୱାର୍ଡର ସଫେଇ କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ଭୂମିକା ରହିବ। ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ କରାଯାଇପାରିବ। ଅତିରିକ୍ତ କମିଶନର ଅନାମ ପାତ୍ର ଓ ସୋନା ଟୁଡୁଙ୍କ ନେତୃତ୍ୱରେ ବିଜୁଭବନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ପ୍ରତି ମାସର ଦ୍ୱିତୀୟ ଓ ଚତୁର୍ଥ ଶୁକ୍ରବାରରେ ୱାର୍ଡ ପରିମଳ ସମିତି ପ୍ରତି ୱାର୍ଡରେ ବସିବ। ୱାର୍ଡରେ ପରିମଳକୁ ନେଇ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ବିଶେଷକରି ୱାର୍ଡ ଅଫିସରମାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ସମାପନ କରାଯିବ। ଏଥିରେ ୱାର୍ଡର ସାନିଟାରି ଇନ୍‌ସପେକ୍ଟର, କର୍ପୋରେଟର ଓ ସ୍ୱଚ୍ଛସାଥୀମାନେ ଅଂଶଗ୍ରହଣ କରିବେ। ଏହି ବୈଠକରେ ଯୁଗ୍ମ କମିଶନର ଇପ୍‌ସିତା ପ୍ରିୟଦର୍ଶିନୀ, ଡେପୁଟି କମିଶନର (ପରିମଳ) ସୁବ୍ରତ ବେହେରା, ସହକାରୀ କମିଶନର ତ୍ରିନାଥ ବେହେରାଙ୍କ ସମେତ ସମସ୍ତ ୱାର୍ଡର ୱାର୍ଡ ଅଫିସର ଉପସ୍ଥିତ ଥିଲେ।

## ଏସ୍‌ସିବିରେ ଶିଶୁକନ୍ୟାକୁ ଜନ୍ମଦେଲେ ଯାଜ୍ଞସିନୀ

କଟକ, ୮।୨(ଶିଳ୍ପା ପ୍ରିୟଦର୍ଶିନୀ)

### ୨୦୧୯ରେ କିଡ୍‌ନୀ ପ୍ରତିରୋପଣ ହୋଇଥିଲା

ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତିରୋପଣ କରାଯାଇଥିବା ବାଲେଶ୍ୱର ଅଞ୍ଚଳର ଯାଜ୍ଞସିନୀ ଜେନା(୨୯) ଏସ୍‌ସିବି ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଗୁରୁବାର ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି। ଶିଶୁକନ୍ୟାକୁ ଏସ୍‌ଏନ୍‌ସିୟୁରେ ରଖାଯାଇଛି। ଉଭୟ ମା' ଓ ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଏନେଇ ଏସ୍‌ସିବି ନେଫ୍ରୋଲୋଜି ବିଭାଗ ମୁଖ୍ୟ ଡା. ଅରୁଣା ଆଚାର୍ଯ୍ୟ କହିଛନ୍ତି, ସାଧାରଣ ମହିଳାଙ୍କ ପ୍ରସବ ପୂର୍ବରୁ ଯେପରି ସମସ୍ୟା ଦେଖା ଦେଇଥାଏ ସେପରି କିଛି ସମସ୍ୟା ହୋଇଥିଲା। ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରାଯିବା ପରେ ହାର୍ଟ ଓ କିଡ୍‌ନୀ ପରୀକ୍ଷା କରାଯାଇଛି। ଏଣ୍ଡୋକ୍ରାଇନ୍, କାର୍ଡିଓଲୋଜି, ନେଫ୍ରୋଲୋଜି, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତରଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅସ୍ତ୍ରୋପଚାର କରାଯାଇଛି। ପ୍ରତି ଘଣ୍ଟାରେ ଯାଜ୍ଞସିନୀଙ୍କର ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଉଛି। ଶୁକ୍ରବାର ଶିଶୁକନ୍ୟାଙ୍କୁ ମା' ପାଖକୁ ଅଣାଯିବ। ଏସ୍‌ସିବିରେ ୨୦୪ ଜଣଙ୍କ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ହେଲେ ଯାଜ୍ଞସିନୀଙ୍କ କ୍ଷେତ୍ରରେ କିଡ୍‌ନୀ ପ୍ରତିରୋପଣ ହେବା ଓ ପରେ ସେ ଏସ୍‌ସିବିରେ ଶିଶୁକନ୍ୟା ଜନ୍ମ ଦେବା ଘଟଣା ଇତିହାସ ସୃଷ୍ଟିକରିଛି ବୋଲି ଅରୁଣା କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୭ରେ ଯାଜ୍ଞସିନୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କର ଡାଏଲିସିସ୍ କରାଯାଇ ୨୦୧୯ରେ କିଡ୍‌ନୀ ପ୍ରତିରୋପଣ କରାଯାଇଥିଲା। ୨୦୨୧ରେ ସେ ବିବାହ କରିଥିଲେ।

## ଖୁବ୍‌ଶୀଘ୍ର ହେବ ବାୟୋମାଇନିଂ କାରଖାନା

କଟକ,୮।୨ (କାର୍ତ୍ତିକ ସାହୁ)

### ଚକ୍ରଧରପୁର ବର୍ଜ୍ୟ ଜମାସ୍ଥଳ ପରିଦର୍ଶନ କଲେ ସିଏମ୍‌ସି କମିଶନର

କଟକ ସହରରୁ ବାହାରୁ ଥିବା ଆବର୍ଜନାକୁ ନଷ୍ଟ କରାଯାଇପାରୁନାହିଁ। ପ୍ରାୟ ୩୦% ଆବର୍ଜନା ବିଭିନ୍ନ ଖତ କେନ୍ଦ୍ର ଓ ଏମ୍‌ଆର୍‌ଏଫ କେନ୍ଦ୍ର ମାଧ୍ୟମରେ ନଷ୍ଟ କରାଯାଉଛି। ବାକି ୭୦% ଆବର୍ଜନା ନଷ୍ଟ ହୋଇପାରୁନାହିଁ। ଫଳରେ ପରିବେଶ ପ୍ରଦୂଷିତ ହେବା ସହ ସହରୀ ଜୀବନ ଉପରେ କୁପ୍ରଭାବ ପଡୁଛି। ଏହି ସମସ୍ୟାର ସମାଧାନ ପାଇଁ ଖୁବ୍‌ଶୀଘ୍ର ବାୟୋମାଇନିଂ କାରଖାନା ସ୍ଥାପନା କରାଯିବ। କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଚକ୍ରଧରପୁରସ୍ଥିତ ବର୍ଜ୍ୟ ଜମାସ୍ଥଳ ଗୁରୁବାର ପରିଦର୍ଶନ କରି ଏହି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କଟକ ସହରରୁ ବାହାରୁଥିବା ଆବର୍ଜନା ପ୍ରତ୍ୟହ ଚକ୍ରଧରପୁରସ୍ଥିତ ବର୍ଜ୍ୟ ଜମାସ୍ଥଳରେ ଗଦା କରାଯାଉଛି। ସହରରୁ ଦୈନିକ ୭୦ରୁ ଅଧିକ ମେଟ୍ରିକ ଟନ୍ ଓଦା ଓ ଶୁଖିଲା ଅଳିଆ ବାହାରୁଛି। ସେଥିମଧ୍ୟରୁ ମାତ୍ର ୩୦ ମେଟ୍ରିକ୍ ଟନ୍ ଅଳିଆ ସିଏମ୍‌ସି ନଷ୍ଟ କରିପାରୁଛି। ବାକି ୪୦ ମେଟ୍ରିକ ଟନ୍ ଆବର୍ଜନା ଖତ ହୋଇପାରୁନାହିଁ। ସେଥିଲାଗି ସିଏମ୍‌ସି ବାୟୋମାଇନିଂ କାରଖାନା ନିର୍ମାଣ କରିବ। ନଷ୍ଟ ହୋଇପାରୁ ନ ଥିବା ବର୍ଜ୍ୟବସ୍ତୁକୁ ଯାନ୍ତ୍ରିକ ପଦ୍ଧତିରେ ପ୍ରକ୍ରିୟାକରଣ କରାଯିବ। ୨୭ ଏକର ପରିମିତ ଏହି ବର୍ଜ୍ୟଜମାସ୍ଥଳ ପରିସୀମା ବୃଦ୍ଧି ପାଇଁ ଉଦ୍ୟମ ଆରମ୍ଭ କରାଯାଇଛି। ନିକଟରେ ଥିବା ଜମିକୁ ଅଧିଗ୍ରହଣ କରାଯାଇ ଚକ୍ରଧରପୁରରୁ ବର୍ଜ୍ୟ ଜମାସ୍ଥଳକୁ ମଧ୍ୟ ସମ୍ପ୍ରସାରିତ କରାଯିବ। ଏହି ବାୟୋମାଇନିଂ କାରଖାନା ନିର୍ମାଣ ପାଇଁ ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ସିଏମ୍‌ସି ଡେପୁଟି କମିଶନର ଅଜୟ କୁମାର ମହାନ୍ତି କହିଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟ-୨ର ବାର୍ଷିକ ଉତ୍ସବ



କଟକ,୮।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨ର ବାର୍ଷିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କ୍ଷେତ୍ରୀୟ ଅଧିକାରୀ ଭୁବନେଶ୍ୱର ସଂଭାଗର ଡ. ସିଂହରଣ ବୋଷ ଯୋଗଦେଇ ଛାତ୍ରୀଛାତ୍ର ପାଠପଢ଼ା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସଫଳତା ପାଇବା ଉପରେ ମତବ୍ୟକ୍ତ କରିଥିଲେ। ଦିଲ୍ଲୀପ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ତ୍ରିଲୋଚନ ମହନ୍ତ, ପ୍ରଜ୍ଞା ପରମିତା, ତୃପ୍ତି ମହନ୍ତ, ଶ୍ରଦ୍ଧାଞ୍ଜଳି ଓଝା, ଅନୁପ ପାଣ୍ଡେ, ଗଗନ ଚନ୍ଦ୍ର ବେହେରା, ଗଣେଶ୍ୱର ସାହୁ, ବିଶ୍ୱବନ୍ଦିତା ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ସିଏନ୍‌ବିଟିରେ ପ୍ରବେଶ ଶୁଳ୍କ ନ ଦେବା ନିଷ୍ପତ୍ତି ସ୍ଥଗିତ

କଟକ,୮।୨ (କାର୍ତ୍ତିକ ସାହୁ)

### କଟକ ଘରୋଇ ବସ୍ ମାଲିକ ସଂଘ-କଟକ ମୋଟର କର୍ମଚାରୀ ସଂଘ ବିବାଦ

କଟକ ଘରୋଇ ବସ୍ ମାଲିକ ସଂଘ ଓ କଟକ ମୋଟର କର୍ମଚାରୀ ସଂଘ ମଧ୍ୟରେ ବିବାଦ ଘଟି କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି)ରେ ପ୍ରବେଶ ଶୁଳ୍କ ନ ଦେବାକୁ ମାଲିକ ସଂଘ ନେଇଥିବା ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଛି। ବିବାଦର ସମାଧାନ ନ ହେବା ଯାଏ ପ୍ରବେଶ ଶୁଳ୍କ ନ ଦେବା ନିଷ୍ପତ୍ତି ବାବଦରେ ସଂଘ ପକ୍ଷରୁ ସିଏନ୍‌ବିଟି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ସଂଘ କର୍ମକର୍ତ୍ତାଙ୍କୁ ଏନେଇ ଶୁକ୍ରବାର ଆଲୋଚନା କରିବାକୁ ସିଡିଏ ଅଧ୍ୟକ୍ଷ ଡାକିଥିବାରୁ ସେପର୍ଯ୍ୟନ୍ତ ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଥିବା ସମ୍ପାଦକ ନିରଞ୍ଜନ ସାହୁ ସୂଚନା ଦେଇଛନ୍ତି।

କଟକ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଲିଙ୍କ୍‌ରୋଡ୍‌ସ୍ଥିତ ସଂଘ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ପ୍ରିୟବ୍ରତ ତ୍ରିପାଠୀ ବିବାଦ ସମ୍ପର୍କରେ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, କଟକରୁ ବରଗଡ଼ ଯାଉଥିବା ଏକ ଘରୋଇ ବସ୍ ସିଏନ୍‌ବିଟିରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପ୍ରଦତ୍ତ ବସ୍ ରହଣି-ବେ ପରିବର୍ତ୍ତନକୁ ନେଇ ବିବାଦ ସୃଷ୍ଟି ହୋଇଛି। ସମ୍ପୃକ୍ତ ବସ୍‌ର କର୍ମଚାରୀ ନିୟମ ନ ମାନି ମନଇଚ୍ଛା କାର୍ଯ୍ୟ କରୁଥିବା ଓ ମୋଟର ଯାନ କର୍ମଚାରୀ ସଂଘ ଏହାକୁ ସହଯୋଗ ଯୋଗାଉଥିବା ମାଲିକ ସଂଘ ଅଭିଯୋଗ କରିଛି। ଗତ ୪ ତାରିଖରେ ସମ୍ପୃକ୍ତ ବସ୍‌ଟି ନିର୍ଦ୍ଧାରିତ ବେ-୨ରେ ଯାତ୍ରୀ ଉଠାଇବା ବଦଳରେ ବେ-୫ରେ ଯାତ୍ରୀ ଉଠାଇଥିଲା। ବସ୍‌ଟି ସିଏନ୍‌ବିଟିରୁ ବାହାରି ବରଗଡ଼ ଅଭିମୁଖେ ଯାଉଥିବାବେଳେ ଲିଙ୍କରୋଡ୍‌ସ୍ଥିତ ସଂଘ କାର୍ଯ୍ୟାଳୟ ନିକଟରେ କର୍ମକର୍ତ୍ତାମାନେ ବସ୍‌କୁ ଅଟକାଇଥିଲେ। ବସ୍ କଣ୍ଡକ୍ଟରଙ୍କ ସହ ଏ ବାବଦରେ ଯୁକ୍ତିତର୍କ ହୋଇଥିଲା। ବସ୍ ମାଲିକମାନେ ଉତ୍କ୍ଷିପ୍ତ ହୋଇ ସେହି ବସ୍‌କୁ କଟକରେ ଲୋଡ୍ ଦିଆଯିବ ନାହିଁ ବୋଲି କହିଥିଲେ। ବସ୍‌ର କଣ୍ଡକ୍ଟର ମଧ୍ୟ ବରଗଡ଼ରେ କଟକ ବସ୍‌କୁ ଲୋଡ୍ ଦିଆଯିବ ନାହିଁ ବୋଲି କହିଥିଲେ। ଏହାକୁ ନେଇ ବାଦାମବାଡ଼ି ଥାନାରେ ଏକ ଏତଲା ଦିଆଯାଇଛି। ଅପରପକ୍ଷରେ କଟକ ମୋଟର କର୍ମଚାରୀ ସଂଘ ସିଏନ୍‌ବିଟିରେ ଟିକେଟ କାଟିବା ଉପରେ ପ୍ରଶ୍ନ ଉଠାଇଛି ବସ୍ ମାଲିକ ସଂଘ। ସେମାନଙ୍କୁ ଟିକେଟ କାଟିବା କାର୍ଯ୍ୟରୁ ନିବୃତ୍ତ କରାଯିବା ପାଇଁ ସଂଘ ଦାବି କରିଛି। ସଂଘ ଉପସଭାପତି କିଶୋର ଚନ୍ଦ୍ର ବିଶ୍ୱାଳ, ପବିତ୍ର ମୋହନ ଖଟୁଆ, ମୁରଲୀଧର ବେହେରା, ଯୁଗ୍ମ ସମ୍ପାଦକ ପିନାକପାଣି ଷଡ଼ଙ୍ଗୀ, ଶିଶିର ପାତ୍ର ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ବାଦାମବାଡ଼ି ଥାନା ଆଇଆଇସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀ କହିଛନ୍ତି, ଦୁଇ ପକ୍ଷ ମଧ୍ୟରେ ସିଏନ୍‌ବିଟି ମଧ୍ୟସ୍ଥ ବେ-ରହଣିକୁ ନେଇ ବିବାଦ ଉପୁଜିଛି। ଉଭୟ ପକ୍ଷକୁ ନେଇ ଆପୋସ ବୁଝାମଣା ମଧ୍ୟରେ ସମାଧାନ କରାଯିବାକୁ ଚେଷ୍ଟା କରାଯାଉଛି।

# 'ପ୍ରକୃତିର ଶୋଭା କୁନ୍ତଳାଙ୍କ କବିତାର ମୂଳମନ୍ତ୍ର'

କଟକ,୮।୨ (କାର୍ତ୍ତିକ ସାହୁ)

ବିଶାଳ ପ୍ରତିଭାର ଅଧିକାରୀ ଥିଲେ କୁନ୍ତଳା କୁମାରୀ ସାବତ। ସାହିତ୍ୟ ରଚନା, ସମାଜସେବା ଓ ଚିକିତ୍ସକ ରୂପେ ସେ ଖ୍ୟାତି ଅର୍ଜନ କରିଥିଲେ। ପ୍ରକୃତିର ଶୋଭା ଲାବଣ୍ୟ ତାଙ୍କ କବିତାର ମୂଳମନ୍ତ୍ର। ବିଭୁପ୍ରେମ ଓ ଜାତୀୟ ଚେତନା ତାଙ୍କ ରଚନାକୁ ବଳିଷ୍ଠ କରିଛି। ଓଡ଼ିଶା ସରକାରଙ୍କ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କଟକ ସାରଳା ଭବନଠାରେ ଗୁରୁବାର ସନ୍ଧ୍ୟାରେ ଆୟୋଜିତ କୁନ୍ତଳା କୁମାରୀଙ୍କ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରି ଏହା କହିଛନ୍ତି।

ଫାଉଣ୍ଡେସନର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଲୋକସେବକ ମଣ୍ଡଳ ଓଡ଼ିଶା ଶାଖାର ଅଧ୍ୟକ୍ଷ ନିରଞ୍ଜନ ରଥ କହିଛନ୍ତି, କୁନ୍ତଳା କୁମାରୀ ସ୍ୱଳ୍ପ ଜୀବନକାଳ ମଧ୍ୟରେ ଅସାଧାରଣ ପ୍ରତିଭାର ଅଧିକାରୀ ହୋଇପାରିଥିଲେ। ତାଙ୍କ କବିତାର ଛତ୍ରେଛତ୍ରେ ଦେଶାତ୍ମବୋଧର ସ୍ୱର ପରିଦୃଷ୍ଟ ହୁଏ। ସମ୍ମାନିତ ଅତିଥି ପ୍ରଫେସର ଡା. ନିରଞ୍ଜନ



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିବୃନ୍ଦ।

### ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ

ତ୍ରିପାଠୀ ଏବଂ ବରେଣ୍ୟ ଅତିଥି ଡା. ରମେଶ ଚନ୍ଦ୍ର ଦାସ ତାଙ୍କ ବକ୍ତବ୍ୟରେ କୁନ୍ତଳା କୁମାରୀଙ୍କୁ ସର୍ବଭାରତୀୟ ସ୍ତରରେ ନାରୀ ଜାଗରଣର ଦିଗ୍‌ଦର୍ଶକ ଭାବେ ବର୍ଣ୍ଣନା କରିଥିଲେ। ସଭାପତି ଇ. ସ୍ୱାଇଁ କହିଛନ୍ତି, କୁନ୍ତଳା କୁମାରୀ ଥିଲେ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା। ତାଙ୍କ ଉପନ୍ୟାସ ଭ୍ରାନ୍ତି, ପରଶମଣି, ନଅତୁଣ୍ଡି, କାଳି ବୋହୂ ପ୍ରଭୃତି ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ।

ଏହି ଅବସରରେ ବିଶିଷ୍ଟ ଲେଖିକା ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରାଙ୍କୁ ଉତ୍କଳଭାରତୀ କୁନ୍ତଳା କୁମାରୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଚିକିତ୍ସାବିତ୍ ପ୍ରଫେସର ହେମଲତା ସ୍ୱାଇଁ, ପ୍ରଫେସର ପ୍ରତାପ କୁମାର ପାଣି, ପ୍ରଫେସର ସନ୍ଧ୍ୟାରାଣୀ ମହାରଣା, ଡା. ସଂଘମିତ୍ରା ଦାଶ, ପ୍ରଫେସର ସୁହାସିନୀ ଦେହୁରି, ଡା. ଗିରିଜା ନନ୍ଦନ ମହାପାତ୍ର, ପ୍ରଫେସର ବିଶ୍ୱଜିତ୍ ଦାସଙ୍କୁ ଉତ୍କଳଭାରତୀ କୁନ୍ତଳାକୁମାରୀ ଚିକିତ୍ସାବିଜ୍ଞାନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେସନର ସାଧାରଣ ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ ପ୍ରାରମ୍ଭିକ ସୂଚନା, ଉପ ସଭାପତି ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ଉପସଭାପତି ସୋହାଗିନୀ ବେହେରା ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ, ଜୟଲକ୍ଷ୍ମୀ ସେଠୀ, ଇଂ. ସୁଶାନ୍ତ ସେଠୀ, ବିଭୁ ପ୍ରସାଦ ରାଉତ ମାନପତ୍ର ପାଠ କରିଥିଲେ। କୈଳାସ ଚନ୍ଦ୍ର ଦଳାଇ, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପତି, ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ବିଶିଷ୍ଟ ସାହିତ୍ୟିକ, ବୁଦ୍ଧିଜୀବୀ ଓ ଚିକିତ୍ସାବିତ୍ ଯୋଗଦେଇଥିଲେ।

# ସଂକ୍ଷେପରେ

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଦକ୍ଷିଣ କଲେ ଶ୍ରଦ୍ଧାଳୁ

ବେଗୁନିଆ,୮।୨(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳର ୪୨୦ ଶ୍ରଦ୍ଧାଳୁ ଗୁରୁବାର ମହାପ୍ରଭୁଙ୍କ ଦର୍ଶନ ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଦକ୍ଷିଣ କରିଛନ୍ତି। ଏହି ବ୍ଲକର ୨୧ଟି ପଞ୍ଚାୟତରୁ ୨୦ ଜଣ ଲେଖାଏ ମୋଟ୍ ୪୨୦ଜଣ ଶ୍ରଦ୍ଧାଳୁ ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ବିଡିଓ ଲକ୍ଷ୍ମୀଧର ସାହୁ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ବ୍ଲକ କାର୍ଯ୍ୟାଳୟ ପରିସରରୁ ୧୦ଟି ବସ୍‌ରେ ଶ୍ରଦ୍ଧାଳୁମାନେ ଯାତ୍ରା କରିଥିଲେ। ଏଥିରେ ସମସ୍ତ ପଞ୍ଚାୟତର ସରପଞ୍ଚ ସହଯୋଗ କରିଥିବା ବେଳେ ଜିପିଇଓ ନୀଳକଣ୍ଠ ମାନସିଂହ ପରିଚାଳନା କରିଥିଲେ।

## ଜନତା ନୋଡାଲ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

କୃଷ୍ଣପ୍ରସାଦ,୮।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପିରିଜିପୁର ପଞ୍ଚାୟତର ଜନତା ନୋଡାଲ ଉ.ପ୍ରା. ବିଦ୍ୟାଳୟ ଓ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଜେନାଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ସମାରୋହରେ ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ବିଗତ ଦିନରେ ବିଦ୍ୟାଳୟରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯାଇଥିବା ବେଳେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ କାର୍ଯ୍ୟ ସଫଳତାର ସହ ସମ୍ପାଦନା ହୋଇଛି। ପ୍ରଧାନ ଶିକ୍ଷକ ବସନ୍ତ କୁମାର ଜେନା, ସହକାରୀ ଶିକ୍ଷୟିତ୍ରୀ ମନ୍ଦାକିନୀ ପ୍ରଧାନ, ମନ୍ଦାକିନୀ ଜେନା, ଶୁଭାସିନୀ ମହାପାତ୍ର ଏବଂ ରାକେଶ ଜେନାଙ୍କ ସହଯୋଗିତା ଫଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇଟି ପୁରସ୍କାର ମିଳିଛି। ଏଥିପାଇଁ ବ୍ଲକ ବିଆରସିସି ସତ୍ୟବ୍ରତ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରସନ୍ନ ଦଳାଇ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ବିଦ୍ୟାଳୟ ପରିସରରେ ସମ୍ମାନିତ କରିଥିଲେ। ରାଜ୍ୟ ସରକାରଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରୀଛାତ୍ର କୃତଜ୍ଞତା ଜ୍ଞାପନ କରିଛନ୍ତି।

## କ୍ରିକେଟ: ରମାବିଲ ବିଜୟୀ

ବୋଲଗଡ଼,୮।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ ପଞ୍ଚାୟତର କନ୍ତାଇଲୋ ଖେଳପଡିଆରେ ଚାଲିଥିବା ବାଲାଜୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ରମାବିଲ ଓ କଳାପଥର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ରମାବିଲ ଟିମ ପ୍ରଥମେ ବ୍ୟାଟିଂ କରି ୧୭.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୭ ରନ ସଂଗ୍ରହ କରିଥିଲା। ଜବାବରେ କଳାପଥର ଟିମ୍ ୧୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିକାଶ ଏବଂ ପ୍ରଶାନ୍ତ ମ୍ୟାଚ୍ ପରିଚାଳନା କରିଥିଲେ। ବିଜୟୀ ଟିମର ଖେଳାଳି କାଳିଆ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥିଭାବେ ସମାଜସେବୀ ଜୟକୃଷ୍ଣ ଫତେସିଂହ, ଆରିକିମା ସରପଞ୍ଚ ପ୍ରମୋଦ କୁମାର ରାଉତରାୟ , ଆରିକିମା ପଞ୍ଚାୟତ ସମିତିସଭ୍ୟଙ୍କ ପ୍ରତିନିଧି ସୁଶାନ୍ତ କୁମାର ପାଇକରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନିଲ ପ୍ରଧାନ, ସାଗର ନାୟକ, ତାପସ ସୁନ୍ଦରାୟ, ଆଶିଷ ସାମନ୍ତରାୟ, ଶୁଭେନ୍ଦୁ ପ୍ରଧାନ, ସଞ୍ଜୟ ସୁନ୍ଦରାୟ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# 'କୁନ୍ତଳା କୁମାରୀ ସମାଜ ସଂସ୍କାରକ ଥିଲେ'

ଉତ୍କଳଭାରତୀ କୁନ୍ତଳାକୁମାରୀ ସାବତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଖୋର୍ଦ୍ଧା,୮।୨(ପ୍ରଭାତ ପାଣିଗ୍ରାହୀ)

କୁନ୍ତଳା କୁମାରୀ ଓଡିଆ ସାହିତ୍ୟ ସାରସ୍ୱତ ଜଗତର ଜଣେ ପ୍ରାତଃ ସ୍ମରଣୀୟ ପ୍ରତିଭା। ମାତୃତ୍ୱର ପ୍ରତିମୂର୍ତ୍ତି, ପ୍ରକୃତିର ପୂଜାରାଣୀ। ଗୀତି କବିତା, ଖଣ୍ଡକାବ୍ୟ, ଉପନ୍ୟାସ, ପ୍ରବନ୍ଧ, ପ୍ରତାବଳୀ ଆଦି ପ୍ରତ୍ୟେକ ବିଭାଗରେ ତାଙ୍କର ସାରସ୍ୱତ ପ୍ରତିଭା ଅନନ୍ୟ। ସେ ଜଣେ ସମାଜ ସଂସ୍କାରକ ଥିଲେ। ସମାଜରୁ ଛୁଆଁଅଛୁଁଆ ଭେଦଭାବ ଦୂର, ଜାତିପ୍ରଥା, ବାଲ୍ୟବିବାହ, ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ବୋଲି ଗୁରୁବାର ସୁସାହିତ୍ୟିକ ଡ. ଦିବାକର ମାନସିଂହ କହିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଖୋର୍ଦ୍ଧା ସାହିତ୍ୟ ସଂସଦ ଓ ଓଡ଼ିଶା ଲେଖିକା ସଂସଦଙ୍କ ମିଳିତ ସହଯୋଗରେ ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓ କବିତା ପାଠୋତ୍ସବ ସ୍ଥାନୀୟ ସଂସ୍କୃତିଭବନରେ ଅନୁଷ୍ଠିତ ହୋଇଯାଇଛି।

ସାହିତ୍ୟ ସଂସଦ ସଭାପତି ଅଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ବକ୍ତାଭାବେ ମାନସିଂହ ଯୋଗଦେଇ ଆହୁରି କହିଥିଲେ, କୁନ୍ତଳା କୁମାରୀ ଜଣେ ସଂଗ୍ରାମୀ ନାରୀ କବି ଥିଲେ। ଏକ ସୁସ୍ଥ ସମାଜ ଗଠନ ପାଇଁ ଜୀବନବ୍ୟାପୀ ଆପ୍ରାଣ ଉଦ୍ୟମ କରିଛନ୍ତି। ତାଙ୍କ ଉପନ୍ୟାସ କାଳି ବୋହୂ ଓ ପରଣମଣି ଉପାଖ୍ୟାନରେ ଜଣେ ନାବାଳିକା ଧୂଳି ଖେଳ ବୟସରେ ବିବାହ ପରେ ବିଧବା ହୋଇ ପରିବାରରେ ନିର୍ଯାତିତ ହୋଇ ଶେଷରେ ପଥର ପାଲଟିଯାଏ, ତାହାକୁ ବର୍ଣ୍ଣନା କରିଛନ୍ତି। ମୁଖ୍ୟ ଅତିଥି ସାହିତ୍ୟିକା ଡ. ସଂଘମିତ୍ରା ମିଶ୍ର କହିଥିଲେ, ୧୯୩୦ରେ ଆର୍ଯ୍ୟନାରୀ ସମ୍ମେଳନର ସଭାନେତ୍ରୀ ଓ ୧୯୩୫ରେ ଷ୍ଟୁଡେଂଟସ୍ ଫେଡେରେଶନ ସଙ୍ଗଠନର ସଭାନେତ୍ରୀଭାବେ ସମ୍ମାନିତ ହୋଇଥିଲେ। ଅଞ୍ଜଳି, ଅର୍ଚ୍ଚନା, ସ୍ଫୁଲିଙ୍ଗ, ଆହ୍ୱାନ, ପ୍ରେମଚିନ୍ତାମଣି ଆଦି ଗ୍ରନ୍ଥ ରଘୁ ଅରକ୍ଷିତ, ଭ୍ରାନ୍ତି, ନଅତୁଣ୍ଡୀ ଆଦି ଉପନ୍ୟାସ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ଏ ଜାତିର ଗୌରବମୟ ଇତିହାସ, ସମୃଦ୍ଧ ଉତ୍କଳୀୟ ସଂସ୍କୃତି, ପରମ୍ପରା, ଐତହ୍ୟ ସତ୍ତ୍ୱେ କିପରି ଏହାର ସାମାଜିକ ପତନ ଘଟିଛି, ତାହା ସେ ବର୍ଣ୍ଣନା କରି ଏକ ସୁସ୍ଥ ସମାଜ ଗଠନ ଦିଗରେ ସର୍ବଦା ଉଦ୍ୟମ କରିଛନ୍ତି। ସମ୍ମାନିତ ଅତିଥି ସାହିତ୍ୟିକ କୃପାସିନ୍ଧୁ ବିଶ୍ୱାଳ କହିଥିଲେ, ଯନ୍ତ୍ରଣା, ସମାଜର ତାଡ଼ନା, ଦୁଃଖ, ସମସ୍ୟା ଭିତରୁ ସାହିତ୍ୟର ସୃଷ୍ଟି ହୋଇଥାଏ। କୁନ୍ତଳା କୁମାରୀ ଜୀବନ ଯନ୍ତ୍ରଣା ମଧ୍ୟରେ ଭାଙ୍ଗି ନ ପଡି ଜୀବନବ୍ୟାପୀ ସାମାଜିକ ପରିବର୍ତ୍ତନ ପାଇଁ ସଂଗ୍ରାମ କରିଛନ୍ତି। ପ୍ରତ୍ୟେକ ଯୁବପିଢି ତାଙ୍କ ଆତ୍ମକାହାଣୀ ଅଧ୍ୟୟନ କରିବା ଉଚିତ। ଯୁବପିଢି କିପରି ସାହିତ୍ୟ ଅନୁରାଗୀ ହେବେ ସେଥିଲାଗି ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାହିତ୍ୟିକମାନେ ଚିନ୍ତନ କରିବା ଜରୁରୀ ବୋଲି ସେ କହିଛନ୍ତି। କୁନ୍ତଳା କୁମାରୀଙ୍କ ପ୍ରତାରିତ ଜୀବନ ଆଲେଖ ସ୍ମରଣ କରିବା ସହ ନାରୀ ସମାଜ ପାଇଁ ତାଙ୍କ ବ୍ୟକ୍ତିତ୍ୱ ସବୁକାଳେ ସ୍ମରଣୀୟ ବୋଲି ଡ. ପଦ୍ମଜ ପାଳ ମତବ୍ୟକ୍ତ କରିଥିଲେ। ସାହିତ୍ୟ ଏକାଡେମୀର ସଞ୍ଜୟ କୁମାର ଛୁଆଲସିଂହ ଖୋର୍ଦ୍ଧାର ପ୍ରାଚୀନ ସାହିତ୍ୟିକମାନଙ୍କ ଜନ୍ମତିଥି ଖୋର୍ଦ୍ଧା ସାହିତ୍ୟ ସଂସଦଙ୍କ ଜରିଆରେ ପାଳନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟିକା ଡ. ସଂଘମିତ୍ରା ମିଶ୍ରଙ୍କୁ ନାରୀକବି କୁନ୍ତଳା କୁମାରୀ ସାବତ ସମ୍ମାନରେ ସମ୍ମାନିତ କରାଯାଇଛି। ସଂସଦ ସମ୍ପାଦକ ବିଭୁ ପ୍ରସାଦ ହରିଚନ୍ଦନ ସ୍ୱାଗତ ଭାଷଣ, ଯୁଗ୍ମ ସମ୍ପାଦକ ଡ.କୈଳାସ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ରଶ୍ମିକର ସଂଯୋଜନା ଏବଂ ଶିକ୍ଷାବିତ ଡ.ନିରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ପ୍ରଥମ ଅଧିବେଶନରେ ଓଡ଼ିଶା ଲେଖିକା ସଂସଦ ଆନୁକୂଲ୍ୟରେ ଆୟୋଜିତ କବିତା ପାଠୋତ୍ସବରେ ସାହିତ୍ୟ ସଂସଦ ଉପସଭାପତି ଡା. ଯୋଗେଶ ରଥ ଓ ଇତିଶ୍ରୀ ସାହୁ ଉପସ୍ଥିତ ଥିଲେ। ଆରତୀ ମଞ୍ଜରୀ ଦାଶ, ଡ.ଚପଳା ପଣ୍ଡା ଓ ଡ.ସସ୍ମିତା ପଟ୍ଟନାୟକ ଓ ଡ.ରଜନୀ ରଣସିଂହ ପ୍ରମୁଖ ସଂଯୋଜନା କରିଥିଲେ। ଏକାଧିକ କବି, କବୟିତ୍ରୀ ସ୍ୱରଚିତ କାବିତା ପାଠ କରିଥିଲେ।



ଡ.ସଂଘମିତ୍ରା ମିଶ୍ରଙ୍କୁ କୁନ୍ତଳା କୁମାରୀ ସାବତ ସମ୍ମାନରେ ସମ୍ମାନିତ କରାଯାଇଛି।

# ରାସ୍ତାରୁ ଟଙ୍କା ପାଇ ପୋଲିସ ଜିମାଦେଲେ



## ମାନବିକତା ଦେଖାଇଲେ ୩ ଯୁବକ

ବେଗୁନିଆ,୮।୨(ହର ପ୍ରସନ୍ନ ପଣ୍ଡା)

ଏବେ ବି ବଞ୍ଚିଛି ମାନବିକତା। ଗୁରୁବାର ରାସ୍ତାର ଏଣେତେଣେ ପଡିଥିବା ଟଙ୍କା ଏବଂ ଏଟିଏମ୍ କାର୍ଡ ପାଇ ୩ ଯୁବକ ବାଘମାରୀ ପୋଲିସ ଜିମା ଦେଇଛନ୍ତି। ସେମାନେ ହେଲେ କଟକ ଜିଲା ବାଙ୍କୀ ଅଞ୍ଚଳର ଆଶୁତୋଷ ଶତପଥୀ, ମନୋଜ ରାଉତ ଏବଂ ଖଣ୍ଡପଡ଼ା ଅଞ୍ଚଳର ଆନନ୍ଦ ଚନ୍ଦ୍ର ପ୍ରଧାନ। ଉକ୍ତ ଯୁବକମାନଙ୍କୁ ପୋଲିସ ବିଭାଗ ଏବଂ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ପ୍ରଶଂସା କରିଛନ୍ତି। ସୂଚନା ମୁତାବକ, ୫୭ନଂ. ଜାତୀୟ ରାଜପଥରେ ଏଣେତେଣେ ପଡିଥିବା ୧୧୭୫ ଟଙ୍କା ଏବଂ ଗୋଟିଏ ଏଟିଏମ୍ କାର୍ଡ ଉପରୋକ୍ତ ୩ ଯୁବକ ପାଇଥିଲେ। ଏହା ପରେ ସେମାନେ ବାଘମାରୀ ଥାନାକୁ ଆସି ଟଙ୍କା ଓ ଏଟିଏମ୍ କାର୍ଡ ପୋଲିସ ଜିମା ଦେଇଥିଲେ। ଏଟିଏମ କାର୍ଡ ଉପରେ ଶରତ ଚନ୍ଦ୍ର ପଣ୍ଡା ଉଲ୍ଲେଖ ରହିଛି। ପ୍ରମାଣ ଦେଖାଇବା ପରେ ଉକ୍ତ ଏଟିଏମ୍ କାର୍ଡ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫେରାଇ ଦିଆଯିବ ବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି।

# କୁନ୍ତଳା କୁମାରୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଖୋର୍ଦ୍ଧାରେ ସ୍ଥାପନା ଦାବି

ଖୋର୍ଦ୍ଧା,୮।୨ (ପ୍ରଭାତ ପାଣିଗ୍ରାହୀ)

ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତ ଓଡ଼ିଆ ସାହିଜ୍ୟ ଜଗତର ଅନନ୍ୟ ସାଧିକା। କବିତା, ଉପନ୍ୟାସ, ପ୍ରବନ୍ଧ ମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଓଡ଼ିଆ ସାହିତ୍ୟକୁ ସର୍ବଭାରତୀୟ ସ୍ତରରେ ପରିଚିତ କରାଇବା ସହ ହିନ୍ଦୀ ଭାଷାରେ ସ୍ତ୍ରୀ ଭୂଷଣ, ଜୀବନ ନାରୀ, ଭାରତୀ ଆଦି ପତ୍ରିକା ସମ୍ପାଦନା କରି ସାରସ୍ୱତ ପ୍ରତିଭାର ପରିଚୟ ଦେଇଛନ୍ତି। ଖୋର୍ଦ୍ଧା ଖ୍ରୀଷ୍ଟିଆନ ସାହିରେ ତାଙ୍କ ପିତା ଓ ମାତାମହଙ୍କ ଜନ୍ମସ୍ଥାନ। କୁନ୍ତଳା କୁମାରୀଙ୍କ ଜୀବନ ଖୋର୍ଦ୍ଧାରେ ଅତିବାହିତ ହୋଇଛି। ଏହି ଦୃଷ୍ଟିରୁ ଏଠାରେ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ଖୋର୍ଦ୍ଧା ସାହିତ୍ୟ ସଂସଦ ପକ୍ଷରୁ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଭୁବନେଶ୍ୱରଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ଦାବିପତ୍ର ସାହିତ୍ୟ ଏକାଡେମୀର ସଞ୍ଜୟ ଛୁଆଲସିଂଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ବାଲେଶ୍ୱରରେ ପ୍ରାୟ ୪ଦଶନ୍ଧି ତଳେ ଏକ ମହିଳା ମହାବିଦ୍ୟାଳୟ ତାଙ୍କ ନାମରେ ସ୍ଥାପନ କରାଯାଇଥିବା ବେଳେ ଖୋର୍ଦ୍ଧା ମାଟିରେ ତାଙ୍କର କୌଣସି ସ୍ମୃତିରକ୍ଷା କରାଯାଇନାହିଁ। ଏଠାରେ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପିତ ହେଲେ ଆଗାମୀ ପିଢି ପାଇଁ ପ୍ରେରଣା ପାଲଟିବ। ସଂସଦ ସଭାପତି ଗୋପାଳକୃଷ୍ଣ ଦାସ, ସମ୍ପାଦକ ବିଭୁ ପ୍ରସାଦ ହରିଚନ୍ଦନ, ସଂଘମିତ୍ରା ମିଶ୍ର, ପଦ୍ମଜ ପାଳ, ଯୋଗେଶ ଚନ୍ଦ୍ର ରଥ, ସୁରେଶ ଚନ୍ଦ୍ର ଛୋଟରାୟ, ନିରଞ୍ଜନ ମହାନ୍ତି, ଇତିଶ୍ରୀ ସାହୁ, ପ୍ରଫୁଲ୍ଲ ସାମନ୍ତରାୟ, ସସ୍ମିତା ପଟ୍ଟନାୟକ, ବାସନ୍ତି ବଳିୟାରସିଂ, ତୁଷାର ପାଲଟାସିଂହ, ଗୋବିନ୍ଦ ଚନ୍ଦ୍ର ମହାରଣା, ସତ୍ୟାନନ୍ଦ ବେହେରା, ରବି ନାରାୟଣ ପଣ୍ଡା, ଭୀମସେନ ପ୍ରଧାନ, ଆରତି ମଞ୍ଜରୀ ଦାଶ, ଜବହାରଲାଲ ସୁବୁଦ୍ଧି, ସୌଦାମିନୀ ପଟ୍ଟନାୟକ, ବିଜୟନୀ ଷଡ଼ଙ୍ଗୀ, ଶାନ୍ତିଲତା ବଳିୟାରସିଂହ ପ୍ରମୁଖ ଦାବି କରିଛନ୍ତି।


ଚିଲିକା ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ନୀଳାମ୍ବୁ ମହୋତ୍ସବରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।(ଫଟୋ: ରଘୁନାଥ ସାହୁ)

## ଦୁର୍ଘଟଣା: ଏମ୍‌ବିକେ ଗୁରୁତର

ବୋଲଗଡ଼,୮।୨(ଦେବବ୍ରତ ହୋତା)

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ରାଜସୁନାଖଳା ଗଣେଶ ବଜାର ପାନନଗର ଛକଠାରେ ଗୁରୁବାର ଏକ ହାଇୱା ଏବଂ ସ୍କୁଟି ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ଘୋରଡ଼ିଆ ଗ୍ରାମର ନିର୍ମଳା ଦତ୍ତ ଗୁରୁତର ଆହତ ହୋଇଛନ୍ତି। ସେ ଡାବରଧୁଆପାଟଣା ପଞ୍ଚାୟତ ଅଞ୍ଚଳରେ ଓଡ଼ିଶା ଜୀବିକା ମିଶନର ଏମ୍‌ବିକେ ଭାବେ କାର୍ଯ୍ୟରତ ଅଛନ୍ତି। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ସ୍କୁଟି ଏବଂ ହାଇୱାକୁ ପୋଲିସ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# 'ସମୃଦ୍ଧ ଭାଷାର ପ୍ରଚଳନ ହିଁ ସମାଜର ମାନଦଣ୍ଡ'

ଟାଙ୍ଗୀ,୮।୨(ରଘୁନାଥ ସାହୁ)

ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ସିତାଂଶୁ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ନିରଞ୍ଜନ ମହାନ୍ତି, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ଖାଉଟି ଅଦାଲତ ବିଚାରପତି ନାରାୟଣ ମହାପାତ୍ର, ପରିଚାଳନା କମିଟି ପୂର୍ବତନ ସଭାପତି ରଘୁନାଥ ସାହୁ, ସାହିତ୍ୟ ଘର ସଭାପତି ବିଜୟ କୁମାର ରାଉତ, ମଳିପଡା କବି ପ୍ରସନ୍ନ ପାଟ୍ଟଶାଣୀ କଲେଜ ଅଧ୍ୟକ୍ଷ ମିହିର କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଗୋଟିଏ ଭାଷାକୁ ଯେତେ ଅଧିକ ଲୋକ ବ୍ୟବହାର କରନ୍ତି, ତାହା ସେତେ ପ୍ରସାରିତ ହୁଏ। ଯେ କୋଣସି ଭାଷାର ବିକାଶ ସାହିତ୍ୟ ଦ୍ୱାରା ସାଧିତ ହୁଏ। ସମୃଦ୍ଧ ଭାଷାର ପ୍ରଚଳନ ହିଁ ଉନ୍ନତ ସମାଜର ମାନଦଣ୍ଡ ବୋଲି ମନ୍ତବ୍ୟ ରଖିଥିଲେ। ଅଧ୍ୟାପିକା ସଂଘମିତ୍ରା ଦତ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିକ୍ରମାଦିତ୍ୟ ବାରିକ, ଲିଙ୍ଗରାଜ ସାହୁ ଓ ମାଧବ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଆ ପଦ୍ୟ ଲିଖନରେ ଗାୟତ୍ରୀ ବେହେରା, ସଙ୍ଗୀତରେ ଭବାନୀ ଭୂଷଣ ଭୁଜବଳ, ପ୍ରବନ୍ଧରେ ସ୍ୱୟଂ ସାଇ ପଣ୍ଡା, ତର୍କରେ ସନ୍ତୋଷ କୁମାର ମହାପାତ୍ର, ଓଡ଼ିଆ ଭଜନରେ ଭବାନୀ ଭୂଷଣ ଭୁଜବଳ, କ୍ଷୁଦ୍ର ଗଳ୍ପରେ ତୁଳସୀ ମାନସିଂହ, ଓଡ଼ିଆ ସ୍ଲୋଗାନରେ ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି। ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ଭାଷା ସାହିତ୍ୟ ପ୍ରତିଯୋଗିତା

ଟାଙ୍ଗୀ,୮।୨(ରଘୁନାଥ ସାହୁ)

ସୋରଣସ୍ଥିତ ଗୁରୁ ଦ୍ରୋଣାଚାର୍ଯ୍ୟ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଭାଷା ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। 'ନିଜ ମାତୃଭାଷାର ପ୍ରାଧାନ୍ୟ ଓ ଯୁବବର୍ଗଙ୍କ ଜୀବନ ଉନ୍ନତିରେ ସହାୟକ' ଶୀର୍ଷକ ତର୍କ ପ୍ରତିଯୋଗିତା ହୋଇଥିଲା। ବିଚାରକଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପବିତ୍ର କୁମାର ସ୍ୱାଇଁ, ଅମୂଲ୍ୟ କୁମାର ପାତ୍ର, ଇଞ୍ଜିନିୟର ଶତ୍ରୁଘ୍ନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଭାଗୀରଥି ମୁଦୁଲି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆଶାରାଣୀ ବେହେରା ଦ୍ୱିତୀୟ, ସତ୍ୟବାଦୀ ମୁଦୁଲି ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରଶିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ଶତ୍ରୁଘ୍ନ ପ୍ରଧାନ ସଂଯୋଜନା କରିଥିଲେ।

# ୩୯ ପ୍ରଶିକ୍ଷାର୍ଥୀ ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ



ବାଲୁଗାଁ,୮।୨(ସଂଗ୍ରାମ ପାଇକରାୟ)

ବାଲୁଗାଁସ୍ଥିତ ଉତ୍କଳ କରାଟେ ସ୍କୁଲର ବେଲ୍ଟ ପରୀକ୍ଷା କାର୍ଯ୍ୟକ୍ରମ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ଅଞ୍ଚଳର ୩୯ ଜଣ କରାଟେକା ପ୍ରଶିକ୍ଷାର୍ଥୀ ଏଥିରେ ଅଂଶଗ୍ରହଣ କରି ବିଭିନ୍ନ ବେଲ୍ଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲର ମୁଖ୍ୟ ହାନସି ଡ.ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସିହାନ ଖାରବେଳ ମଲ୍ଲିକ ପରୀକ୍ଷା ପରିଚାଳନା କରିଥିଲେ। ଉକ୍ତ ପରୀକ୍ଷାରେ ବ୍ରାଉନ ବେଲ୍ଟ ୭ଜଣ, ବ୍ଲୁ ବେଲ୍ଟ ୧ଜଣ, ଗ୍ରୀନ ବେଲ୍ଟ ୧୨ଜଣ, ଅରେଂଜ ବେଲ୍ଟ ୧୬ଜଣ ଏବଂ ଏଲୋ ବେଲ୍ଟରେ ୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେନସେଇ ଦୀପକ ସାମନ୍ତରାୟ ଏବଂ ଏସ.କେ.ଏ ହକଙ୍କ ନିକଟରେ କରାଟେକାମାନେ ପ୍ରଶିକ୍ଷଣ ଲାଭ କରିଛନ୍ତି । ତୋଫାନ ବାଉତିୟା, ପ୍ରତାପ କେଶରୀ ଜେନା, କ୍ରିଷ୍ଣା ଶିକାରୀ, ସଂଗ୍ରାମ ନାୟକ, ପ୍ରତୀକ ପ୍ରଧାନ, ବୈକୁଣ୍ଠ ପ୍ରଧାନ ସହଯୋଗ କରିଥିଲେ।

# ଫାଇନାଲରେ ପତିତପାବନ ଅଟ୍ରି

ବୋଲଗଡ଼,୮।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ପଞ୍ଚାୟତର କୋଦୁଅବେରେଣୀ ଖେଳପଡ଼ିଆରେ ଚାଲିଥିବା ଦ୍ୱାଦଶତମ ମା' ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ପତିତପାବନ ଅଟ୍ରି ଓ ଢେଙ୍କାନାଳ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଢେଙ୍କାନାଳ ଟିମ ପ୍ରଥମେ ବ୍ୟାଟିଂ ବରି ନିର୍ଦ୍ଧାରିତ ୧୮.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୮୨ ରନ ସଂଗ୍ରହ କରିଥିଲା। ଜବାବରେ ଅଟ୍ରି ଟିମ୍ ୧୪.୩ ଓଭରରେ ୩ ଉଇକେଟ ବିନିମୟରେ ୧୮୮ ରନ ସଂଗ୍ରହ କରି ବିଜୟୀ ହୋଇଛି। ସୁଧି ରଞ୍ଜନ ପଣ୍ଡା ଓ ବିନୟ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ସାମାଜିକକର୍ମୀ ତପନ ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପ୍ରଦୀପ ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚରେ ମା'ରାମଚଣ୍ଡୀ କ୍ରିକେଟ ଆସୋସିଏଶନର ସଦସ୍ୟମାନେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ମା'ଜାଗୁଲାଇ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସେମିରେ ପାଇକିଡିଗିରିଆ


ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

ବେଗୁନିଆ,୮।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗୌଡିଆପଡ଼ା-ଇନ୍ଦିପୁରୁ ଗ୍ରାମସ୍ଥିତ ଖେଳପଡିଆରେ ଜୟଦୁର୍ଗା ଫୁଟ୍‌ବଲ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମା'ଜାଗୁଲାଇ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ପାଇକିଡିଗିରିଆ କ୍ଲବ ଓ ଭୁବନେଶ୍ୱରର ସେଭେନ ଟୁ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ୭ - ୧ ଗୋଲରେ ପାଇକିଡିଗିରିଆ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ରେଫରିଭାବେ ଏମ୍.ଏସ୍.ବେଗ ଯୋଗଦେଇଥିବା ବେଳେ ସୁକାନ୍ତ ପ୍ରଧାନ ଓ କୃଷ୍ଣ ଚନ୍ଦ୍ର ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚରେ ମୁଖ୍ୟ ଅତିଥିଭାବେ ଡା. ଅରବିନ୍ଦ ରାୟ ଯୋଗଦେଇଥିବା ବେଳେ ଅତିଥିଭାବେ ପ୍ରଶାନ୍ତ ପାଟ୍ଟଶାଣୀ, ସମୀର ମାନସିଂହ, ବଳଭଦ୍ର ପାଟ୍ଟଶାଣୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୟ ଟିମର ମନୋଜ ସ୍ୱାଇଁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ଭୁବନେଶ୍ୱରର ଫ୍ରେଣ୍ଡସ କ୍ଲବ ଓ ନିୟୁ ୟୁଥ କ୍ଲବ ଭୁବନେଶ୍ୱର ମଧ୍ୟରେ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

# ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଦେଉଳଟାଙ୍ଗୀ ବିଜୟୀ

ଖୋର୍ଦ୍ଧା,୮।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀ ମା ବଘେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିବସରେ ଆୟୋଜକ ଏବଂ ସୋମନାଥପୁର ଟିମ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଦେଉଳଟାଙ୍ଗୀ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪ ଉଇକେଟ ବିନିମୟରେ ୧୦୩ରନ ସଂଗ୍ରହ କରିଥିଲା। ଜବାବରେ ସୋମନାଥପୁର ଟିମ୍ ୧୦ ଓଭରରେ ୭ ଉଇକେଟ ବିନିମୟରେ ୬୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଦେଉଳଟାଙ୍ଗୀ ଟିମ୍ ବିଜୟୀ ହୋଇଥିଲା। ମଦନମୋହନ ସ୍ୱାଇଁ ଓ ଗୋପିନାଥ ମାଝି ମ୍ୟାଚ୍ ପରିଚାଳନା କରିଥିବା ବେଳେ ଶିବାନୀ ମିଶ୍ର, ଶ୍ରଦ୍ଧାନନ୍ଦ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଝଜ କିଶୋର ସାମନ୍ତରାୟ, ସୌମ୍ୟରଞ୍ଜନ ସ୍ୱାଇଁ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୮।୦୨।୨୦୨୪

| ୪,୪୩, ୧୬୫ ଟଙ୍କା | |
|---|---|
| ସୁନା | ୦୧.୧୦୦ ଗ୍ରାମ୍ |
| ରୁପା | ୧୮.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଅର୍ପଣ ରଥରୁ ୩.୦୬ କୋଟି ଟଙ୍କା ସଂଗୃହୀତ

**ପୁରୀ,୮।୨(ଅଜିତ୍ ମହାନ୍ତି):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ରାଜ୍ୟରେ ଅର୍ପଣ ରଥ ଭ୍ରମଣ କରିଥିଲା। ଭକ୍ତମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗୁଆ, ଚାଉଳ ଏବଂ ଅର୍ଥ ଆଦି ପ୍ରଦାନ କରିଥିଲେ। ଅର୍ପଣ ରଥରେ ମିଳିଥିବା ଅର୍ଥରାଶି ସଂଗ୍ରହ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଡୋନେସନ୍ କାଉଣ୍ଟର ଖୋଲାଯାଇଥିଲା। ୩୦ଟି ଯାକ ଜିଲାରୁ ବିଭିନ୍ନ କାର୍ଯ୍ୟାଳୟ ଯଥା– ଜିଲାପାଳ, ଜିଲାପରିଷଦ, ପଞ୍ଚାୟତ ସମିତି, ପୌରସଂସ୍ଥା ଏବଂ ଗ୍ରାମପଞ୍ଚାୟତ ତରଫରୁ ଗତ ଜାନୁଆରୀ ୨୨ରୁ ଫେବୃଆରୀ ୭ତାରିଖ ମଧ୍ୟରେ ୩ କୋଟି ୦୬ ଲକ୍ଷ ୬୨ ହଜାର ୮୧୩ ଟଙ୍କା ଦାନ ଶ୍ରୀମନ୍ଦିର ପ୍ରଶାସନ ଗ୍ରହଣ କରିଥିବା ସୂଚନା ଦିଆଯାଇଛି।

### ଲାଞ୍ଚ ନେଇ ଧରାପଡ଼ିଲେ ଆକାଉଣ୍ଟାଣ୍ଟ

**ପୁରୀ,୮।୨(ଅଜିତ୍ ମହାନ୍ତି):** ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ବିକାଶ କୁମାର ସେନାପତି ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ଗ୍ରାଚ୍ୟୁଇଟି ବିଲ୍ ପାସ୍ କରିଦେବା ପାଇଁ ୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଗୁରୁବାର ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ସମ୍ପୃକ୍ତ ଶିକ୍ଷକ ୨୦୨୨ରେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଏହାପରେ ତାଙ୍କ ଗ୍ରାଚ୍ୟୁଇଟି ବିଲ ପାସ୍ କରିଦେବା ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଥିଲେ। ବିକାଶ ତାଙ୍କ ବିଲ୍ ପାସ୍ କରାଇ ଦେବାକୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ସେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଜଣକ ବିକାଶଙ୍କୁ ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ଟିମ ଚଢ଼ାଉ କରି ଟଙ୍କା ଜବତ କରିଥିଲା। ପରେ ତାଙ୍କ କାର୍ଯ୍ୟାଳୟ ଓ ଘରେ ଚଢ଼ାଉ କରାଯାଇଛି। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୪/୨୪) ରୁଜୁ ହୋଇ ତଦନ୍ତ ଚାଲୁ ରହିଛି। ବିକାଶଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ଓଡ଼ିଶା ସମେତ ଦେଶର ୨୦ ସ୍ଥାନରେ ଇଡି ଚଢ଼ାଉ

## ଗୋଲ୍ଡେନ୍ ଲ୍ୟାଣ୍ଡ୍ ଚିଟ୍‌ଫଣ୍ଡ୍ ଠକେଇ

### କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଜବତ ସୂଚନା

ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ)/ ଦିଗପହଣ୍ଡି, (ଅଶେଷ ନାଥ ମିଶ୍ର) ଭୁବନେଶ୍ୱର,୮।୨(ସତ୍ୟଜିତ୍ ରାଉତ)



ଗୋଲ୍ଡେନ୍ ଲ୍ୟାଣ୍ଡ୍ ଡେଭଲପର୍ସ ପ୍ରାଇଭେଟ୍ ଲିମିଟେଡ୍ ଚିଟଫଣ୍ଡ ସଂସ୍ଥା ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଗୁରୁବାର ବଡ଼ ଧରଣର ଚଢ଼ାଉ କରାଯାଇଛି। ୯୦୦ କୋଟିର ଚିଟ୍‌ଫଣ୍ଡ ଠକେଇ ମାମଲାରେ ଇଡିର ଏକାଧିକ ଟିମ୍ ପକ୍ଷରୁ ଓଡ଼ିଶା ସମେତ ଦେଶବ୍ୟାପୀ ପ୍ରାୟ ୨୦ଟି ସ୍ଥାନରେ ଏକାକାଳୀନ ଯାଞ୍ଚ ଚାଲିଛି। ଏହା ମଧ୍ୟରେ ସଂସ୍ଥାର ନିର୍ଦ୍ଦେଶକ, ମ୍ୟାନେଜର ଓ କର୍ମଚାରୀ ପ୍ରମୁଖଙ୍କ ଘର ଓ ଅଫିସ ରହିଛି। ଓଡ଼ିଶାରେ ୮ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ ଚାଲିଥିବା ସୂଚନା ମିଳିଛି। ଗୁରୁବାର ସକାଳେ ସିଆର୍‌ପିଏଫ ଯବାନଙ୍କ ଉପସ୍ଥିତିରେ ଭୁବନେଶ୍ୱର, ଗଞ୍ଜାମର ବିଭିନ୍ନ ସ୍ଥାନରେ ଇଡି ଅଧିକାରୀମାନେ ଯାଞ୍ଚ କରି ବହୁ ସନ୍ଦେହଜନକ କାଗଜପତ୍ର ଜବତ କରିଛନ୍ତି। ସକାଳ ପ୍ରାୟ ୮ଟାରେ ଇଡି ଅଧିକାରୀମାନେ ବ୍ରହ୍ମପୁର ସହରର ଗାନ୍ଧୀନଗର ଓ ଗୋସାଣିନୂଆଗାଁସ୍ଥିତ ଦୁଇଟି ପ୍ରତିଷ୍ଠିତ ବିଲଡର୍ ସଂସ୍ଥାରେ ଏକକାଳୀନ ଚଢ଼ାଉ କରିଥିଲେ। ସେହିପରି ଆଉ ଏକ ଟିମ୍ ଲାଞ୍ଜିପଲ୍ଲୀରେ ଚଢ଼ାଉ କରିଥିଲା। ଏଥିସହ ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଏବଂ ଗୋପାଳପୁର ଥାନା ଅନ୍ତର୍ଗତ ତୁରାରେ ମଧ୍ୟ ଅଧିକାରୀମାନେ ଯାଞ୍ଚ ଚଳାଇଛନ୍ତି। ସେହିପରି ଭୁବନେଶ୍ୱର ଭିଙ୍ଗାରପୁର ରଙ୍ଗବଜାରସ୍ଥିତ ସଂସ୍ଥାର ଜଣେ କର୍ମଚାରୀଙ୍କ ଘରେ ମଧ୍ୟ ଇଡି ଚଢ଼ାଉ କରିଥିବା ଜଣାପଡ଼ିଛି। ତେବେ ତଦନ୍ତରେ ବ୍ୟାଘାତ ଆଶଙ୍କାରେ ଅଧିକାରୀମାନେ କୌଣସି ତଥ୍ୟ ଦେବାକୁ ମନା କରିଦେଇଥିଲେ ମଧ୍ୟ ଏସବୁ ଚଢ଼ାଉ ସମୟରେ କୋଟିଏରୁ ଅଧିକ ଟଙ୍କା ଓ ବିଭିନ୍ନ କାଗଜପତ୍ର ଜବତ ହୋଇଥିବା ବିଶ୍ୱସ୍ତସୂତ୍ରରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ଦିଲ୍ଲୀରେ ପଞ୍ଜୀକୃତ ହୋଇଥିବା ଏହି ସଂସ୍ଥା ୨୦୦୭–୨୦୦୮ରେ ଓଡ଼ିଶାର କନ୍ଧମାଳ, ବୌଦ୍ଧ, ଗଞ୍ଜାମ ଓ ପୁରୀ ଆଦିରେ ଶାଖା କାର୍ଯ୍ୟାଳୟ ଖୋଲି କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିଲା। ଉକ୍ତ କର୍ମଚାରୀଙ୍କ ଦ୍ୱାରା ଅନେକ ଲୋକଙ୍କଠାରୁ ବହୁ ଟଙ୍କା ଗ୍ରହଣ କରି ଠକେଇ କରିଥିଲା। ଏନେଇ କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ନିକଟରେ ବହୁ ଲୋକ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଥିଲା। ଏଥିସହ ଅନ୍ୟାନ୍ୟ ତଦନ୍ତ ଏଜେନ୍ସି ମଧ୍ୟ ୪ରୁ ଊର୍ଦ୍ଧ୍ୱ ମାମଲା ରୁଜୁ କରିଥିଲା। ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବାବେଳେ ନିକଟରେ ଚାର୍ଜସିଟ୍ ଦାଖଲ କରାଯାଇଛି। ଏହାକୁ ଆଧାର କରି ଇଡି ତଦନ୍ତକୁ ଆଗକୁ ବଢ଼ାଇଛି। ବେଆଇନ ଅର୍ଥ କାରବାର ଦିଗକୁ ନେଇ ଇଡି ଖୋଳତାଡ ଆରମ୍ଭ କରିବା ସହ ସଂସ୍ଥାର କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ପଚରାଉଚରା ଆରମ୍ଭ କରିଛି। ତେବେ ସଂସ୍ଥା ଦ୍ୱାରା ଠକେଇର ଶିକାର ହୋଇଥିବା ଲୋକଙ୍କୁ ଟଙ୍କା ଫେରାଇବାକୁ ହାଇକୋର୍ଟ ଗତବର୍ଷ କଟକ ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ୮ହଜାର ଟଙ୍କାରୁ କମ୍ ନିବେଶକାରୀଙ୍କୁ ୨ ମାସ ମଧ୍ୟ ଟଙ୍କା ଫେରାଇଦେବାକୁ ନିର୍ଦ୍ଦେଶ ହୋଇଥିଲା।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଉଦ୍‌ଘାଟିତ 'ଭାରତ ରଙ୍ଗ ମହୋତ୍ସବ'ରେ ପରିବେଷିତ ନାଟକ 'ତାଜମହଲ କା ଟେଣ୍ଡର୍'ର ଏକ ଦୃଶ୍ୟ।

# 'ତାଜମହଲ କା ଟେଣ୍ଡର'ରେ ଦୁର୍ନୀତିର କାହାଣୀ

## ଭାରତ ରଙ୍ଗ ମହୋତ୍ସବ ଆରମ୍ଭ

ଭୁବନେଶ୍ୱର,୮।୨(ଶର୍ମିଷ୍ଠା ପାଣିଗ୍ରାହୀ)

ସମ୍ରାଟ ଶାହାଜାହାନ ତାଙ୍କ ପତ୍ନୀଙ୍କ ସ୍ମୃତିରେ ତାଜମହଲ ନିର୍ମାଣ କରିଥିଲେ, ଯାହା ପ୍ରେମର ପ୍ରତୀକ ଭାବେ ଜଣାଶୁଣା। ମାତ୍ର ସାମ୍ପ୍ରତିକ ସ୍ଥିତିରେ ତାଜମହଲଟିଏ କରିବାକୁ ଚାହୁଁଥିବା ବ୍ୟକ୍ତିଟିଏ କିଭଳି ସମାଜର ଲୁଣ୍ଠନର ଶିକାର ହେଉଛନ୍ତି, ତାହା ନାଟକ 'ତାଜମହଲ କା ଟେଣ୍ଡର'ରେ ପ୍ରତିଫଳିତ ହୋଇଛି। ଶାହାଜାହାନ ତାଙ୍କ ପତ୍ନୀଙ୍କ ସ୍ମୃତିରେ ତାଜମହଲ ବନାଇବାକୁ ଇଚ୍ଛା କରିଛନ୍ତି। ସେଥିପାଇଁ ସେ ମୁଖ୍ୟମନ୍ତ୍ରୀ ଗୁପ୍ତାଜୀଙ୍କୁ ଡକାଇଛନ୍ତି। ମାତ୍ର ଗୁପ୍ତାଜୀ ସମ୍ରାଟଙ୍କ ଇଚ୍ଛା ପୂରଣ କରିବା ତ ଦୂରର କଥା କେବଳ ଟେଣ୍ଡରଟିଏ ପାସ୍ କରାଇବାକୁ ଦୀର୍ଘ ୨୫ବର୍ଷ ବିତିଯାଇଛି। ଏହାପରେ ବି ଟେଣ୍ଡରଟିଏ ପାସ୍ ହୋଇପାରି ନାହିଁ। ସରକାରୀ ସ୍ତରରେ କାମଟିଏ କରିବାକୁ ଦୁର୍ନୀତି କିପରି ବାଟ ଓଗାଳେ, ସମୟ ପରେ ସମୟ ଗଡ଼ି ଚାଲିଥିଲେ ବି ଜଣେ କିଭଳି ଲୁଣ୍ଠନର ଶିକାର ହୋଇ ଲକ୍ଷ୍ୟ ହାସଲ କରିପାରୁନି ତାହାର ବାସ୍ତବ ଚିତ୍ର ଏହି ନାଟକରୁ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସମୟରେ ଘଟୁଥିବା ଘଟଣାକୁ ଶାହାଜାହାନଙ୍କ ତାଜମହଲ ସହ ଯୋଡ଼ାଯାଇଛି। ଯଦି ଏବେ କୌଣସି ବ୍ୟକ୍ତି ତାଜମହଲ କରିବାକୁ ଚାହିଁବ ତା'ହେଲେ ଖାଲି ଟେଣ୍ଡର ପାସ୍ ପାଇଁ ଦୀର୍ଘ ସମୟ ଲାଗିଯିବ।

ଭାରତ ସଂସ୍କୃତି ମନ୍ତ୍ରଣାଳୟ, ନ୍ୟାଶନାଲ୍ ସ୍କୁଲ ଅଫ୍ ଡ୍ରାମା(ଏନଏସ୍‌ଡି) ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଅନ୍ତର୍ଜାତୀୟ ନାଟକ ମହୋତ୍ସବ 'ଭାରତ ରଙ୍ଗ ମହୋତ୍ସବ' ଆରମ୍ଭ ହୋଇଛି। ପ୍ରଥମ ସନ୍ଧ୍ୟାରେ ଅଜୟ ଶୁକ୍ଳାଙ୍କ ଲିଖିତ ଓ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ତାଜମହଲ କା ଟେଣ୍ଡର' ଉପସ୍ଥିତ ଦର୍ଶକ ଓ ଅତିଥିଙ୍କ ମନ ଜିଣିଛି। ଏନ୍‌ଏସ୍‌ଡି ରେପେଟୋରୀ କମ୍ପାନୀ ପକ୍ଷରୁ ଏହି ନାଟକ ପରିବେଷିତ ହୋଇଥିଲା। ଅତିଥି ଭାବେ ଏନ୍‌ଏସ୍‌ଡି ଓ ନାଟକର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ ତଥା ଅଭିନେତା ବୁନା ତ୍ରିପାଠୀ, କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ, କଣ୍ଠଶିଳ୍ପୀ ସୁବାସ ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଓ ଅଭିନେତା ସମରେଶ ରାଉତରାୟ ଉପସ୍ଥିତ ଥିଲେ।

ଏନ୍‌ଏସ୍‌ଡି ନିର୍ଦ୍ଦେଶକ ତ୍ରିପାଠୀ କହିଛନ୍ତି, ୨୫ବର୍ଷ ତଳେ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଯେ ଏତେ ବଡ଼ ସଫଳତା ପାଇବ ତାହା କେହି ଭାବି ନ ଥିଲେ। ନାଟକ ରହିଥିଲା, ରହିଛି ଓ ଆଗକୁ ରହିବ ମଧ୍ୟ। ଏହି ମହୋତ୍ସବକୁ ଦର୍ଶକମାନେ ହିଁ ଆହୁରି ସଫଳ କରାଇପାରିବେ। ଭାରତୀୟ ଅନୁଷ୍ଠାନଗୁଡ଼ିକରେ କିଭଳି ଲୁଣ୍ଠନ, ପକ୍ଷପାତିତା, ଦୁର୍ନୀତି, ନିଷ୍କ୍ରିୟତା, ପଛୁଆ ବର୍ଗ, ଅହଙ୍କାର ସୃଷ୍ଟି ହେଲା ତାହାର ପ୍ରତିଫଳନ ଏହି ନାଟକ ମାଧ୍ୟମରେ କରାଯାଇଛି।

# ଆଜିଠୁ କଳିଙ୍ଗ ସାହିତ୍ୟ ମହୋତ୍ସବ

### ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

### ୩ ପାଇବେ 'କଳିଙ୍ଗ ସାହିତ୍ୟ ପୁରସ୍କାର'

ଭୁବନେଶ୍ୱର,୮।୨(ଶର୍ମିଷ୍ଠା ପାଣିଗ୍ରାହୀ)

କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲ୍‌ଏଫ୍)ର ଦଶମ ସଂସ୍କରଣ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ ହେବ। ମହୋତ୍ସବରେ କବିତା ଓ ରାଜନୀତିଠାରୁ ଆରମ୍ଭକରି କଳା ଓ ଆଥଲେଟିକ୍ସ, ବିଜ୍ଞାନ ଓ ପରିବେଶ, ପୁରାଣ ଓ ରହସ୍ୟବାଦ ପର୍ଯ୍ୟନ୍ତ ବିଭିନ୍ନ ସାହିତ୍ୟଶୈଳୀକୁ ଏକତ୍ରିତ କରାଯାଇଛି। ୧୧ତାରିଖରେ ଶେଷ ହେବାକୁ ଥିବା ଏହି ମହୋତ୍ସବରେ ଔପନ୍ୟାସିକା ନାସିରା ଶର୍ମା, ଲକ୍ଷ୍ମୀ ମୁର୍ଦ୍ଦେଶ୍ୱର ପୁରୀ, ପ୍ରଫେସର ବୀଣା ପୌଡୟାଲଙ୍କୁ 'କଳିଙ୍ଗ ସାହିତ୍ୟ ପୁରସ୍କାର' ପ୍ରଦାନ କରାଯିବ। ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ରଶ୍ମିରଞ୍ଜନ ପରିଡ଼ା କହିଛନ୍ତି, କଳିଙ୍ଗ ସାହିତ୍ୟ ମହୋତ୍ସବରେ ଜାପାନ, ଶ୍ରୀଲଙ୍କା, ନେପାଳ ସମେତ ୪ଟି ଦେଶର ସମ୍ମାନିତ ବକ୍ତାମାନଙ୍କୁ ସ୍ୱାଗତ କରାଯିବ। ବିଶିଷ୍ଟ ଲେଖକ ସୀତାକାନ୍ତ ମହାପାତ୍ର, ଉଦୟ ପ୍ରକାଶ, ଅରୁଣ କମଲ, ନାସିରା ଶର୍ମା, ପାରମିତା ଶତପଥୀ, ବୀଣା ପୌଡୟାଲ ଏବଂ ସେଲିବ୍ରିଟି ଲେଖକ ଓ ବକ୍ତା ଅମିଶ ତ୍ରିପାଠୀ, ଲକ୍ଷ୍ମୀ ମୁର୍ଦ୍ଦେଶ୍ୱରପୁରୀ, ଉଷା ଉଥୁପ, ହିନ୍ଦୋଳ ସେଙ୍ଗପୁପ୍ତା, ସତ୍ୟ ବ୍ୟାସ, ଅରୁନ୍ଧତୀ ସୁବ୍ରମଣ୍ୟମ, ନୀଳମାଧବ ପଣ୍ଡା, ସନ୍ତୃପ୍ତ ମିଶ୍ର, ସନ୍ଦୀପ ବାମଜାଇ, ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଉତ୍ସବରେ ଯୋଗଦେବେ। ଏଥିସହ ମହୋତ୍ସବରେ ୬୦ ଜଣ ଉଲ୍ଲେଖନୀୟ କାରିଗରଙ୍କ ସୃଜନଶୀଳ କଳାକୃତି ପ୍ରଦର୍ଶିତ ହେବ। ଏଥିସହ କେଏଲ୍‌ଏଫ ପୁସ୍ତକ ପୁରସ୍କାରରେ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଥିବା ୨୦ଜଣ ଲେଖକଙ୍କୁ ପୁରସ୍କୃତ କରାଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପ୍ତାଞ୍ଜଳି



@ କାହ୍ନା



@ ସୁଶାନ୍ତ



@ ପ୍ରଭାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମହାପ୍ରଭୁଙ୍କୁ ଦର୍ଶନକଲେ ହାଇକୋର୍ଟ ମୁଖ୍ୟ ବିଚାରପତି

ପୁରୀ,୮।୨(ଅଜିତ୍ ମହାନ୍ତି)

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଗୁରୁବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମୁଖ୍ୟ ବିଚାରପତି ସିଂ କଡ଼ା ସୁରକ୍ଷା ମଧ୍ୟରେ ରାତି ୮ଟାରେ ସପରିବାର ଆସି ପୁରୀରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇ ପାଛୋଟି ନିଆଯାଇଥିଲା। ମୁଖ୍ୟ ବିଚାରପତି ସପରିବାର ରତ୍ନସିଂହାସନ ରୂଢ଼ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିଥିଲେ। ପରେ ଭିତରବେଢାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଅତିବାହିତ କରି ବାଇଶିପାହାଚ ଦେଇ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ବିଚାରପତିଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ପତିତପାବନ ବାନା ଓ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲାପାଳ ବିଜୟ କୁମାର ଦାଶ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଏସ୍‌ପି ପିନାକ ମିଶ୍ର, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ଏବଂ ପୁରୀ କୋର୍ଟର ବିଚାରପତିମାନେ ଉପସ୍ଥିତ ଥିଲେ।



ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ମହାପ୍ରଭୁଙ୍କୁ ଦର୍ଶନ ସାରି ଶ୍ରୀମନ୍ଦିରରୁ ବାହାରୁଛନ୍ତି।

# ତାଳଚେର ପ୍ରଜା ଆନ୍ଦୋଳନର ପୁରୋଧା ଥିଲେ ପବିତ୍ର ମୋହନ

## ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ




ବିପ୍ଳବୀ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ।

ଭୁବନେଶ୍ୱର,୮।୨(ଶର୍ମିଷ୍ଠା ପାଣିଗ୍ରାହୀ)

ତାଳଚେର ପ୍ରଜା ଆନ୍ଦୋଳନର ପୁରୋଧା ଥିଲେ ଆଜନ୍ମ ବିପ୍ଳବୀ ପବିତ୍ର ମୋହନ ପ୍ରଧାନ। ସେ ତାଳଚେରରେ ଶିକ୍ଷକତା କରୁଥିବା ସମୟରେ ଗଡ଼ଜାତ ରାଜ୍ୟ ଢେଙ୍କାନାଳ, ତେଲଚେର ଓ ଆଳି ରାଜାଙ୍କର ପ୍ରଜାଙ୍କ ଉପରେ ଅତ୍ୟାଚାର ଅତି ଅସହ୍ୟ ଥିଲା। ଏହା ପବିତ୍ରଙ୍କୁ ଖୁବ୍ ବ୍ୟଥିତ କରିଥିଲା। ଗଡ଼ଜାତ ମିଶ୍ରଣ ପରେ ପବିତ୍ର ମୋହନ ସକ୍ରିୟ ରାଜନୀତିରେ ଯୋଗଦେଇ ବିଭିନ୍ନ ସମୟରେ ମନ୍ତ୍ରୀ ହେବା ସହ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ରାଜ୍ୟରେ ନିର୍ମଳ ଶାସନ ପ୍ରତିଷ୍ଠା କରିବା ତାଙ୍କର ଲକ୍ଷ୍ୟ ଥିଲା ବୋଲି ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ କହିଛନ୍ତି। ଗୁରୁବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନରେ ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଥିଲା। ବିଶିଷ୍ଟ ଅତିଥି ଭାବେ ଯୋଗାଦେଇ ପାଲଲହଡ଼ା ବିଧାୟକ ମୁକେଶ ପାଲ କହିଲେ, ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ କବଳରୁ ଏ ଜାତିକୁ ମୁକୁଳାଇବା ଥିଲା ବିଶିଷ୍ଟ ସଂଗ୍ରାମୀ ସ୍ୱର୍ଗତ ପ୍ରଧାନଙ୍କ ସ୍ୱପ୍ନ। ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦିକା କସ୍ତୁରୀ ମହାପାତ୍ର ଯୋଗଦେଇ କହିଲେ, ଓଡ଼ିଶାର ପ୍ରାକ୍ ସ୍ୱାଧୀନତା କାଳରେ ରାଜତନ୍ତ୍ର ବିରୋଧୀ ତଥା ପ୍ରଜା ଆନ୍ଦୋଳନର ପ୍ରବକ୍ତା ଥିଲେ ସ୍ୱର୍ଗତ ପ୍ରଧାନ। ସେ ଛାତ୍ରଜୀବନରୁ ଏହି ରାଜତନ୍ତ୍ର ଅତ୍ୟାଚାରୀ ଶାସନ ବିରୋଧରେ ପ୍ରତିକ୍ରିୟାଶୀଳ ହୋଇ ଉଠିଥିଲେ । ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ସ୍ୱର୍ଗତ ପ୍ରଧାନଙ୍କ ଜୀବନାଦର୍ଶ ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ, ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍କୁଲ କ୍ରୀଡ଼ା ଉତ୍ସବରେ ୧୧ ଛାତ୍ରୀ ଅସୁସ୍ଥ

ଖୋର୍ଦ୍ଧା/ନିରାକାରପୁର,୮।୨ (ପ୍ରଭାତ ପାଣିଗ୍ରାହୀ/ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଗୋଲବାଇ ଭଗବତୀ ହାଇସ୍କୁଲରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍କୁଲରେ ବାର୍ଷିକ କ୍ରୀଡ଼ା ଚାଲିଥିବା ବେଳେ ଏକକାଳୀନ ୧୧ଜଣ ଛାତ୍ରୀ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କ ମଧ୍ୟରୁ ୯ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଛାତ୍ରୀମାନେ ଘରକୁ ଫେରିଛନ୍ତି। ସୂଚନା ମୁତାବକ, ଉକ୍ତ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଚାଲିଥିବା ବେଳେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଖେଳ ହେଉଥିଲା। ଅପରାହ୍ନ ପ୍ରାୟ ୧ଟା ୩୦ରେ ହଠାତ୍ ଜଣେ ଛାତ୍ରୀ ପଡିଆରେ ଅଚେତ ହୋଇପଡିଥିଲେ। ପରେ ଆଉ ୧୦ଜଣ ଛାତ୍ରୀ ମଧ୍ୟ ସମାନ ଭାବେ ପଡିଯାଇଥିଲେ। ସ୍କୁଲ କର୍ତ୍ତୃପକ୍ଷ ତୁରନ୍ତ ଆମ୍ବୁଲାନ୍ସ ଡକାଇ ତନ୍ମଧ୍ୟରୁ ୯ଜଣଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ପ୍ରତିଯୋଗିତା ଚାଲିଥିବା ବେଳେ ଶାରୀରିକ ଦୁର୍ବଳତାରୁ ଛାତ୍ରୀମାନେ ଅସୁସ୍ଥ ହୋଇପଡିଥିଲେ ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି। ଅନ୍ୟପଟେ ପାଣି, ଗ୍ଲୁକୋଜ ଦିଆ ନ ଯିବାରୁ ଖରାରେ ପିଲାମାନେ ଅସୁସ୍ଥ ହୋଇପଡିଥିଲେ ବୋଲି କେତେଜଣ ଅଭିଭାବକ କହିଛନ୍ତି।



ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଅସୁସ୍ଥ ଛାତ୍ରୀମାନେ।

